ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

**DOLC-2**

**Block**

# 1

## ବ୍ୟାବହାରିକ ବ୍ୟାକରଣ

ପ୍ରଥମ ଏକକ

## ବାକ୍ୟପ୍ରକରଣ ଓ ଗଠନ

ଦ୍ୱିତୀୟ ଏକକ

## ଛନ୍ଦ, ବୃତ୍ତ

ତୃତୀୟ ଏକକ

## ପ୍ରାଚୀନ କବିତାର ପ୍ରାରୂପ

# ବିଶେଷଜ୍ଞ କମିଟି

| | | |
|---|---|---|
| ପ୍ରଫେସର ଡଃ ଖଗେଶ୍ୱର ମହାପାତ୍ର | ପ୍ରଫେସର (ଅବସରପ୍ରାପ୍ତ),ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ,ଶାନ୍ତିନିକେତନ | ଅଧ୍ୟକ୍ଷ |
| ଡଃ ବସନ୍ତ କୁମାର ପଣ୍ଡା | ଆସୋସିଏଟ୍ ପ୍ରଫେସର,ଓଡିଆ ବିଭାଗ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ପ୍ରଫେସର ଡଃ ନାରାୟଣ ସାହୁ | ପ୍ରଫେସର (ଅବସରପ୍ରାପ୍ତ) ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ଡଃ କ୍ଷୀରୋଦ ଚନ୍ଦ୍ର ବେହେରା | ଆସୋସିଏଟ୍ ପ୍ରଫେସର,ଓଡିଆ ବିଭାଗ ବି.ଜେ.ବି.ସ୍ୱୟଂଶାସିତ ମହାବିଦ୍ୟାଳୟ ଭୁବନେଶ୍ୱର | ସଦସ୍ୟ |
| ଡଃ ଦିଲୀପ କୁମାର ନାୟକ | ଅଧ୍ୟାପକ,ଓଡିଆ ବିଭାଗ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟ | ଆବାହକ |

# ପ୍ରାକ୍‌ଭାଷ

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ଓ ଯୋଗାଯୋଗ କାର୍ଯ୍ୟକ୍ରମକୁ ସ୍ୱାଗତ ।

ଭାଷା ମଣିଷର ଏକ ସ୍ୱତନ୍ତ୍ର ବିଭବ ଯାହା ତାକୁ ଅନ୍ୟ ମଣିଷ ସହ ଯୋଗାଯୋଗ ରକ୍ଷା କରିବାରେ ସହାୟତା ପ୍ରଦାନ କରିଥାଏ । ଏହି ପ୍ରକ୍ରିୟା ମାଧ୍ୟମରେ ସେ ସାମାଜିକ ରୂପାନ୍ତରଣ ଆଡକୁ କ୍ରମଶଃ ଗତିକରେ । ଶିଶୁଟି ଏଇ ଭାଷା ମାଧ୍ୟମରେ ସମଗ୍ର ବିଶ୍ୱକୁ ଜାଣେ । ମଣିଷ ବିଭିନ୍ନ ସାଂକେତିକ ତଥା ଲିଖିତ ଭାଷା ମାଧ୍ୟମରେ ଆପଣା ଭାବ ପ୍ରକାଶ କରିଥାଏ । ତେଣୁ ଭାଷାକୁ ଆମେ ଏକ ପ୍ରକାରର ଭାବ-ବାହୀ ସଂକେତ ଭାବରେ ମଧ୍ୟ ଗ୍ରହଣ କରିପାରିବା, ଯାହା ସମଗ୍ର ପୃଥିବୀରେ ଭିନ୍ନଭିନ୍ନ ଉଚ୍ଚାରଣ ମାଧ୍ୟମରେ ସେଇ ସମାନ କଥାକୁ ଇଂଗିତ କରିପାରେ । ଅତଏବ ଏକା ପ୍ରକାରର ବକ୍ତବ୍ୟକୁ ଭିନ୍ନଭିନ୍ନ ଉଚ୍ଚାରଣ ଭଂଗୀ ବା ଶୈଳୀ ମାଧ୍ୟମରେ ପ୍ରକାଶ କରାଯାଉଥିବାରୁ ଭାଷାକୁ ଆମେ ଯୋଗାଯୋଗର ସର୍ବାପେକ୍ଷା ଶକ୍ତିଶାଳୀ ମାଧ୍ୟମ ଭାବରେ ମଧ୍ୟ ବିବେଚନା କରିପାରିବା । ଭାଷା ସଦା ପରିବର୍ତ୍ତନଶୀଳ ଏକ ଶକ୍ତିଶାଳୀ ମାଧ୍ୟମ । ଏହା ସର୍ବଦା ପାରିପାର୍ଶ୍ୱିକ ପରିବେଶ ଦ୍ୱାରା ବଦଳୁଥାଏ । ସେଥିପାଇଁ ଭାରତର ପ୍ରାଦେଶିକ ସୀମାରେଖାରେ ଜୀବନ କାଟୁଥିବା ଅଧିବାସୀ ମାନେ ନିଜ ପ୍ରଦେଶର ଓ ପଡୋଶୀ ପ୍ରଦେଶର ଭାଷା ଉପରେ ବେଶ୍ ଦକ୍ଷତା ଅର୍ଜନ କରିଥାନ୍ତି । ଭାରତରେ ପ୍ରଚଳିତ ମୋଟ ୭୮୦ଟି କଥିତ ଭାଷାରୁ ବିଗତ ୫୦ ବର୍ଷ ମଧ୍ୟରେ ଅନ୍ତତଃ ୨୨୦ରୁ ଊର୍ଦ୍ଧ୍ୱ ଭାଷା ମୃତ୍ୟୁ ଲଭିଲେଣି । ଏଥି ମଧ୍ୟରୁ ଅନେକଙ୍କର ଲିଖିତରୂପ ନାହିଁ । ସରକାରୀ ପ୍ରୋତ୍ସାହନ ଅଭାବରୁ ଅନେକ ଭାଷା କ୍ରମଶଃ ଲୋପ ପାଉଥିବାର ଦୃଷ୍ଟାନ୍ତ ମଧ୍ୟ ଦେଖିବାକୁ ମିଳିଥାଏ । କିନ୍ତୁ ଏଭଳି କିଛି ପ୍ରାଚୀନ ଭାଷା ରହିଛି, ଯେଉଁଥିରେ ଅତି ମୂଲ୍ୟବାନ ତଥ୍ୟ,ତତ୍ତ୍ୱ,ଦର୍ଶନ ଲୁକ୍କାୟିତ ହୋଇରହିଛି । ଅତଏବ ସେ ସବୁଭାଷାର ଅଧିକରୁ ଅଧିକ ପ୍ରୟୋଗ ହୋଇପାରିଲେ ତା'ର ଅନ୍ତଃସତ୍ତାକୁ  ବୁଝିବା ଓ ପ୍ରକାଶ କରିବା ସମ୍ଭବ ହେବ ।

ଭାଷା ଗୋଟିଏ କ୍ଲିଷ୍ଟକର ବ୍ୟାପାର । ଏହାକୁ ବୁଝିବାକୁ,ଜାଣିବାକୁ ହେଲେ ବ୍ୟାକରଣ ଜ୍ଞାନ ନିତାନ୍ତ ପ୍ରୟୋଜନ । ବ୍ୟାକରଣ ମାଧ୍ୟମରେ ତର୍କ ଏବଂ ତର୍କ ମାଧ୍ୟମରେ ଭାଷାବିଜ୍ଞାନକୁ ବୁଝିବା ସହଜସାଧ୍ୟ ହୋଇଥାଏ । ଆମମାନଙ୍କ ଜୀବନ ଉପରେ ଭାଷାର ପ୍ରଭାବ ଅତୁଳନୀୟ  । ଭାଷା ଏକ ଜୀବନ୍ତ ପ୍ରକ୍ରିୟା । ଏହାକୁ ଅର୍ଜନ କଲେ ଜ୍ଞାନର ଦିଗ୍‌ବଳୟ ପ୍ରସାରିତ ହୋଇଥାଏ । ଅତଏବ ଭାଷା, ଭାଷା ବିଭବ ବ୍ୟାକରଣ ଓ ତା'ର ପ୍ରାୟୋଗିକ ଦିଗ ଗୁଡିକୁ ଉତ୍ତମ ରୂପେ ବୁଝିବା ଆବଶ୍ୟକ  । ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ବହିରାଗତ ଆକ୍ରମଣକାରୀଙ୍କ ପ୍ରଭାବ ଯୋଗୁଁ ଭାରତର ବିଭିନ୍ନ ସାମାଜିକ,ରାଜନୈତିକ,ଅର୍ଥନୈତିକ ତଥା ସାଂସ୍କୃତିକ କ୍ଷେତ୍ରରେ ବିପୁଳ

ଆଲୋଡନା ସୃଷ୍ଟି ହୋଇଥିଲା । ସେଇ ସମୟରେ ଅତୀତର ରାଜା ଓ ରାଜା କୈନ୍ଦ୍ରିକ ଭାଷା ଆମର ଭାଷା ଭଣ୍ଡାରକୁ ବହୁମାତ୍ରାରେ ପ୍ରଭାବିତ କରିଥିଲା । ତେଣୁ ପଂଚଦଶ ଶତାବ୍ଦୀରୁ ଊନବିଂଶ ଶତାବ୍ଦୀର ମଧଭାଗ ପର୍ଯ୍ୟନ୍ତ ଅଣଇଂରେଜୀ ବୈଦେଶିକ ପ୍ରଭାବ ଏବଂ ତା ପରଠାରୁ ଇଂରେଜୀ ଭାଷା ସଂସ୍କୃତିର ପ୍ରଭାବ ଆମ ଭାଷା ବିଭବକୁ ପ୍ରକାରାନ୍ତରେ ସମୃଦ୍ଧ କରିଛି ବୋଲି କୁହାଯାଇପାରିବ । ରେଡିଓ,ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମର ବିସ୍ତାର ସହ ବିଜ୍ଞାନ ଓ ବୈଷୟିକ ବିଦ୍ୟାର ପ୍ରସାର ଯୋଗୁଁ ଆମ ଭାଷାରେ ଅନେକ ପ୍ରକାରର ନୂତନ ଶବ୍ଦ ଓ ବାକ୍ୟପ୍ରକରଣ ଶୈଳୀର ଅନୁପ୍ରବେଶ ଘଟିଛି । ଏସବୁର ସଫଳ ଓ ତ୍ରୁଟିଶୂନ୍ୟ ପ୍ରୟୋଗକୁ ଦେଖାଇବା ସହ ଓଡିଆ ଭାଷା ଓ ବ୍ୟାକରଣ ସୁବିସ୍ତୃତ ପରିଚୟ ପ୍ରଦାନ କରିବା ଉକ୍ତ କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ ।

ସମୁଦାୟ ୩୨ଟି କ୍ରେଡିଟ୍‌ରେ ବିଭାଜିତ ଉକ୍ତ କାର୍ଯ୍ୟକ୍ରମରେ ମୋଟ ଦୁଇଟି ସେମିଷ୍ଟର ରହିଛି । ପ୍ରତ୍ୟେକ ସେମିଷ୍ଟର ନିମନ୍ତେ ତିନୋଟି ଲେଖାଏଁ ପାଠ୍ୟକ୍ରମ ଅନୁବର୍ତ୍ତନ କରାଯାଇଛି । ସର୍ବଶେଷରେ ପୂର୍ବପଠିତ ସମସ୍ତ ବିଦ୍ୟାକୁ କଂପ୍ୟୁଟର କୌଶଳ ମାଧ୍ୟମରେ ଲିଖିତରୂପ ପ୍ରଦାନ କରାଯାଇ ଶିକ୍ଷାକୁ ଅଧିକ ଯୁଗୋପଯୋଗୀ କରାଯାଇପାରିବ ସେଥି ନିମନ୍ତେ ପ୍ରଯତ୍ନ କରାଯାଇଛି । ପ୍ରତ୍ୟେକ ସେମିଷ୍ଟର ଶେଷରେ ପ୍ରାୟୋଗିକ ଦିଗକୁ ସମୃଦ୍ଧ କରିବାପାଇଁ ପ୍ରୋଜେକ୍ଟ ରଖାଯାଇଛି । ସହଜ ପଠନ ନିମନ୍ତେ ପ୍ରତ୍ୟେକ ପାଠ୍ୟକ୍ରମକୁ ବିଭିନ୍ନ ବ୍ଲକ୍ ଓ ପ୍ରତ୍ୟେକ ବ୍ଲକ୍‌କୁ ୟୁନିଟ୍ / ଏକକରେ ବିଭକ୍ତ କରାଯାଇଛି ।

ପାଠ୍ୟକ୍ରମ ପରିବେଷଣର ନିର୍ଦ୍ଦିଷ୍ଟ ଅନ୍ତରାଳରେ ନିଜର ପ୍ରଗତି ମାପିବା ନିମନ୍ତେ ଆତ୍ମପରିକ୍ଷଣ ପ୍ରଶ୍ନାବଳୀ ପ୍ରଦାନ କରାଯାଇଛି । ପଠନ କାଳରେ ଏସବୁର ଉତ୍ତର ଲେଖିବାପାଇଁ ପ୍ରଦତ୍ତ ଶୂନ୍ୟସ୍ଥାନରେ ବିଦ୍ୟାର୍ଥୀମାନେ ଛୋଟ ଛୋଟ ଉତ୍ତର ଲେଖାନ୍ତୁ ଏବଂ ପରବର୍ତ୍ତୀ ପାଠ୍ୟକ୍ରମକ ଆଡକୁ ଆଗେଇ ଚାଲନ୍ତୁ । ତଦ୍ୱାରା ପାଠ୍ୟକ୍ରମ ସମାପ୍ତି ବେଳକୁ ବିଦ୍ୟାର୍ଥୀମାନେ ସେହି କ୍ଷେତ୍ରରେ ଆତ୍ମ ବିଶ୍ୱାସ ଅର୍ଜନ କରିପାରିବେ । ବିଶ୍ୱାସ,ବିଦ୍ୟାର୍ଥୀମାନେ ଏହି ମୁଦ୍ରିତ ପାଠ୍ୟ ବ୍ୟତୀତ ,ଇଂଟରନେଟ୍ ,ରେଡିଓ .ମଲ୍ଟିମିଡିଆ କ୍ଲାସ୍ ,ୱେବ୍ ସାଇଟ୍, ଇ-ମେଲ ,ଇତ୍ୟାଦିର ସଫଳ ପ୍ରୟୋଗ କରି ଅଧିକରୁ ଅଧିକ ବୋଧଗମ୍ୟତା ଅର୍ଜନ କରିବେ ।

ମୁକ୍ତ ଓ ଦୂରଶିକ୍ଷା ପ୍ରବର୍ତ୍ତନ କ୍ଷେତ୍ରରେ ଏହା ଏକ ପ୍ରାରମ୍ଭିକ ପ୍ରଚେଷ୍ଟା । ଅତଏବ ବିଦ୍ୟାର୍ଥୀମାନେ ପଠନକାଳରେ ନିଜର ସୁଚିନ୍ତିତ ମତାମତ ପ୍ରଦାନକଲେ ପରବର୍ତ୍ତୀ କାଳରେ ତାହା କିପରି ଅଧିକ ଉପଯୋଗୀ ହୋଇପାରିବ,ସେଥି ନିମନ୍ତେ ପ୍ରଯତ୍ନ କରାଯିବ ।

# ଓଡ଼ିଆ ଭାଷା ଓ ଯୋଗାଯୋଗ

# ଡିପ୍ଲୋମା କାର୍ଯ୍ୟକ୍ରମ

## ପ୍ରଥମ ସେମିଷ୍ଟାର : ପାଠ୍ୟକ୍ରମ: ୨

### ବ୍ୟାବହାରିକ ବ୍ୟାକରଣ

### ବିଷୟର ଗଠନ :


୧.୧ ପଠନର ଉଦ୍ଦେଶ୍ୟ

୧.୨ ବିଷୟ ପରିଚୟ

୧.୩ ପାଠ ବିଷୟ

୧.୪ ବାକ୍ୟ

୧.୪.୧ ଉଦ୍ଦେଶ୍ୟ ଓ ବିଧେୟ

୧.୪.୨ ଆକାଂକ୍ଷା, ଯୋଗ୍ୟତା, ଆସତ୍ତି

୧.୪.୩ ବାକ୍ୟର ପ୍ରକାରଭେଦ

୧.୪.୪ ଭାବବୋଧକ ବାକ୍ୟ

୧.୪.୫ ବାକ୍ୟ ବିନ୍ୟାସ ଚିହ୍ନ

୧.୫ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ

୧.୬ ସାରାଂଶ

୧.୭ ସହାୟକ ଗ୍ରନ୍ଥସୂଚୀ

୧.୮ ସମ୍ଭାବ୍ୟ ପ୍ରଶ୍ନାବଳୀ


## ପ୍ରଥମ ଏକକ : ବାକ୍ୟପ୍ରକରଣ ଓ ଗଠନ

### ୧.୧ ପଠନର ଉଦ୍ଦେଶ୍ୟ

ନିଜ ମନର ଭାବନା ଓ ଅନୁଭବକୁ ଠିକ୍ ଭାବରେ ଲିଖନ ମାଧ୍ୟମରେ ପ୍ରକାଶ କରିପାରିବା ନିମିତ୍ତ ଯେଉଁ ରଚନା କୌଶଳର ଆବଶ୍ୟକ ତାହା ଏହି ଏକକରେ ଶିକ୍ଷା ପ୍ରଦାନ କରାଯିବ । ଅନେକ ସମୟରେ ବ୍ୟକ୍ତି ନିଜର ଭାବନାକୁ ଯଥାର୍ଥ ରୂପେ ଲିଖିତ ଭାବରେ ପ୍ରକାଶ କରିପାରେ ନାହିଁ । ଏହାଦ୍ୱାରା ଚିନ୍ତନର ତ ସଫଳ ପରିପ୍ରକାଶ ହୁଏ ନାହିଁ; ବ୍ୟକ୍ତିତ୍ୱ ଓ ପ୍ରତିଭାର ମଧ୍ୟ ପରିପ୍ରକାଶ ହୁଏ ନାହିଁ । ଚିନ୍ତନ ଓ ବ୍ୟକ୍ତିତ୍ୱର ସଫଳ ପରିପ୍ରକାଶ ନିମିତ୍ତ ସହାୟତା ପ୍ରଦାନ କରିବା ଏହି ପାଠର ଉଦ୍ଦେଶ୍ୟ ।



## ୧.୨ ବିଷୟ ପରିଚୟ

ମନର ଭାବନାକୁ ଲିଖିତ ଭାବରେ ପ୍ରକାଶ କରିବାକୁ ହେଲେ ବାକ୍ୟ କ'ଣ ଜାଣିବାକୁ ପଡିବ । ଲିଖନ ପ୍ରକ୍ରିୟାର ପ୍ରଥମ ଭାଗ ହେଉଛି ବାକ୍ୟ ଗଠନ । ବାକ୍ୟ ଗଠନ ପ୍ରକ୍ରିୟା ଜାଣିଲେ ଜଣେ ସଫଳ ବାକ୍ୟ ରଚନା କରିପାରିବ । ମନର ଭାବନାକୁ ସଫଳ ଭାବରେ ବାକ୍ୟକୁ ରୂପାନ୍ତରିତ କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଏହି ସଫଳତା ବୃତ୍ତିଗତ ଜୀବନକୁ ଉତ୍କର୍ଷ ପ୍ରଦାନ କରିଥାଏ । ଏଣୁ ଏହି ଏକକରେ ସଫଳ ବାକ୍ୟ ଗଠନ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ।



## ୧.୩ ପାଠ ବିଷୟ

ସଫଳ ବାକ୍ୟ ଗଠନ ନିମିତ୍ତ ବାକ୍ୟ ଗଠନର ପ୍ରଣାଳୀ ଓ ବିଭିନ୍ନ ପ୍ରକାର ବାକ୍ୟ ଯଥା-ସରଳ ବାକ୍ୟ, ଯୌଗିକ ବାକ୍ୟ, ଜଟିଳ ବାକ୍ୟ ସମ୍ପର୍କରେ ବିଦ୍ୟାର୍ଥୀଙ୍କୁ ଶିକ୍ଷା ପ୍ରଦାନ କରାଯିବ । ଏହାସହିତ ସାଧାରଣ ଗଦ୍ୟ ଓ କାବ୍ୟାତ୍ମକ/ସର୍ଜନାତ୍ମକ ଗଦ୍ୟ ରଚନା ସମ୍ପର୍କରେ ମଧ୍ୟ ଶିକ୍ଷା ପ୍ରଦାନ କରାଯିବ ।

## ୧.୪ ବାକ୍ୟ



ଉପରେ ଦିଆଯାଇଥିବା ଚିତ୍ରଟିକୁ ଭଲ ଭାବରେ ଅନୁଧ୍ୟାନ କର । ସେହି ଚିତ୍ର ସମ୍ପର୍କରେ ନିମ୍ନରେ କିଛି ବର୍ଣ୍ଣନା ରହିଛି । କେଉଁ ବର୍ଣ୍ଣନାଟି ଚିତ୍ରକୁ ସଠିକ୍ ଭାବରେ ପ୍ରକାଶ କରି ପାରୁଛି ଅନୁଧ୍ୟାନ କର ।

କ) ଚାଷୀଟି ହଳ ବଳଦ ....

ଖ) ଚାଷୀଟି କ୍ଷେତରେ ହଳବଳଦ ....

ଗ) କ୍ଷେତରେ ଚାଷୀଟି ହଳବଳଦ ଦ୍ୱାରା....

ଘ) ଚାଷୀଟି କ୍ଷେତରେ ହଳବଳଦ ଦ୍ୱାରା ଚାଷ କରୁଛି ।

'କ', 'ଖ' ଓ 'ଗ' ରେ ଚିତ୍ର ସମ୍ପର୍କରେ ଯେଉଁ ବର୍ଣ୍ଣନା କରୁଛି, ତାହା ପୂର୍ଣ୍ଣାଙ୍ଗ ଅର୍ଥ ପ୍ରତିପାଦନ କରୁନାହିଁ । ଅଥଚ 'ଘ'ରେ ଲେଖାଥିବା "ଚାଷୀଟି କ୍ଷେତରେ ହଳବଳଦ ଦ୍ୱାରା ଚାଷ କରୁଅଛି" ବର୍ଣ୍ଣନାଟି ସମ୍ପୂର୍ଣ୍ଣ ଅର୍ଥବୋଧକ ହୋଇପାରିଛି । ଏଣୁ ବାକ୍ୟ କହିଲେ ଆମେ ବୁଝିବା-କେତେ ଗୁଡ଼ିଏ ପଦ ସମ୍ମିଳିତ ହୋଇ ପୂର୍ଣ୍ଣ ରୂପେ ମନର ଭାବନାକୁ ପ୍ରକାଶ କରିବାରେ ସମର୍ଥ ହେଲେ, ତାହାକୁ ବାକ୍ୟ କହିବା ।

'କ' ରେ ଚାଷୀଟି ହଳ ବଳଦ, 'ଖ' ରେ ଚାଷୀଟି କ୍ଷେତରେ ହଳବଳଦ, 'ଗ'ରେ କ୍ଷେତରେ ଚାଷୀଟି ହଳ ବଳଦ ଦ୍ୱାର - ବର୍ଣ୍ଣନା ସମ୍ପୂର୍ଣ୍ଣ ଅର୍ଥ ପ୍ରକାଶ କରିପାରୁନଥିବା ସମୟରେ 'ଘ'ରେ ଚିତ୍ରଟିର ସମ୍ପୂର୍ଣ୍ଣ ଅର୍ଥ ବୋଧଗମ୍ୟ ଭାବରେ ପ୍ରକାଶିତ ହେଉଛି । ଏଣୁ 'କ', 'ଖ' ଓ 'ଗ' ରେ ଲିଖିତ ଅଂଶ ବାକ୍ୟ ହୋଇନଥିବା ସମୟରେ 'ଗ'ର ଲିଖିତ ଅଂଶ ଏକ ବାକ୍ୟ ।

## ତୁମ ପାଇଁ କାମ :






ଚିତ୍ରନଂ-୧

ଚିତ୍ରନଂ-୨

ଉପରୋକ୍ତ ଚିତ୍ର ଦୁଇଟିର ଦୃଶ୍ୟକୁ ବାକ୍ୟରେ ପ୍ରକାଶ କର ।

ଚିତ୍ର ନଂ-୧ ସମ୍ପର୍କିତ ବାକ୍ୟ :

ଚିତ୍ର ନଂ-୨ ସମ୍ପର୍କିତ ବାକ୍ୟ :

## ୧.୪.୧ ଉଦ୍ଦେଶ୍ୟ ଓ ବିଧେୟ

'ଘ'ରେ ଲିଖିତ ବାକ୍ୟଟିକୁ ଆମେ ଯଦି ଭଲଭାବରେ ଅନୁଶୀଳନ କରିବା ତାହେଲେ ଜାଣିପାରିବା ଯେ ଏହି ବାକ୍ୟଟିରେ ଚାଷୀଟି ସମ୍ପର୍କରେ କିଛି କୁହାଯାଉଛି । ଏଣୁ ଏଠାରେ "ଚାଷୀ'ଟି ହେଉଛି ଉଦ୍ଦେଶ୍ୟ । ଚାଷୀ ସମ୍ପର୍କରେ ଅଥବା ଉଦ୍ଦେଶ୍ୟ ସମ୍ପର୍କରେ ଯାହା କୁହାଯାଇଛି, ତାହାକୁ ବିଧେୟ କୁହାଯାଏ । ଗୋଟିଏ ବାକ୍ୟରେ ଉଦ୍ଦେଶ୍ୟ ଓ ବିଧେୟ ରହିଥାଏ । ଉଦ୍ଦେଶ୍ୟ ଓ ବିଧେୟ ବାକ୍ୟରେ ପ୍ରମୁଖ ଅଂଶ । "ଚାଷୀଟି" କ୍ଷେତରେ ହଳ ବଳଦ ଦ୍ୱାରା ଚାଷ କରୁଛି ।" ଏହି ବାକ୍ୟଟିରେ "ଚାଷୀ" ଉଦ୍ଦେଶ୍ୟ ଓ "କ୍ଷେତରେ ହଳ ବଳଦ ଦ୍ୱାରା ଚାଷ କରୁଛି" ବିଧେୟ ।

## ତୁମପାଇଁ କାମ :

ନିମ୍ନରେ ଦିଆଯାଇଥିବା ବାକ୍ୟ ଗୁଡ଼ିକରେ ଉଦ୍ଦେଶ୍ୟ ଓ ବିଧେୟକୁ ଚିହ୍ନିତ କର ।

(କ) ବଳରାମ ସାଇକେଲରେ ସ୍କୁଲ ଯାଉଛି ।
ଉଦ୍ଦେଶ୍ୟ -
ବିଧେୟ -

(ଖ) ମନ୍ଦାକିନୀ ଓଡ଼ିଶୀ ନୃତ୍ୟ କରୁଛି ।
ଉଦ୍ଦେଶ୍ୟ -
ବିଧେୟ -

(ଗ) ନିଜେ ଏକ ବାକ୍ୟ ଗଠନ କରି ଏହାର ଉଦ୍ଦେଶ୍ୟ ଓ ବିଧେୟକୁ ଚିହ୍ନିତ କର ।
ବାକ୍ୟ -
ଉଦ୍ଦେଶ୍ୟ -
ବିଧେୟ -

## ୧.୪.୨ ଆକାଂକ୍ଷା, ଯୋଗ୍ୟତା, ଆସତ୍ତି

ଏ ପର୍ଯ୍ୟନ୍ତ ବାକ୍ୟ ସମ୍ପର୍କରେ ଜାଣିଲେ ଯେ : କେତେଗୁଡ଼ିଏ ପଦ ସମ୍ମିଳିତ ହୋଇ ପୂର୍ଣ୍ଣ ରୂପେ ମନର ଭାବନାକୁ ପ୍ରକାଶ କରିବାରେ ସମର୍ଥ ହେଲେ, ତାହାକୁ ବାକ୍ୟ କୁହାଯାଏ । ଏହି ବାକ୍ୟ ଗୁଡ଼ିକରେ ଉଦ୍ଦେଶ୍ୟ ଓ ବିଧେୟ ରହିଥାଏ । ଯାହା ସମ୍ପର୍କରେ କୁହାଯାଏ ସେ ଉଦ୍ଦେଶ୍ୟ ଓ ଯାହା କୁହାଯାଏ ତାହାକୁ ବିଧେୟ ଭାବରେ ନାମିତ କରାଯାଏ ।

ତେବେ, ପଦର ସମ୍ମିଳନୀ ଯେଉଁ ଶୃଙ୍ଖଳାରେ ହୋଇଥାଏ ତାହାକୁ ଆକାଂକ୍ଷା, ଯୋଗ୍ୟତା ଓ ଆସତ୍ତି ନାମରେ ନାମିତ କରାଯାଇଥାଏ। ଆମେ ଆକାଂକ୍ଷା, ଯୋଗ୍ୟତା ଓ ଆସତ୍ତି ସମ୍ପର୍କରେ ଜାଣିବା ଏବଂ ଏହା ବାକ୍ୟ ଗଠନରେ କିପରି ସହାୟକ ହୋଇଥାଏ ସେ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିବା ।

## ଆକାଂକ୍ଷା :

ଗୋଟିଏ ବାକ୍ୟରେ ପୂର୍ବ ପଦ ସହ ପରପଦରର ସମ୍ପର୍କକୁ ଆକାଂକ୍ଷା କୁହାଯାଏ । ପୂର୍ବ ପଦ ସହ ପରପଦର ଯଥାର୍ଥ ମିଳନ ହିଁ ଅର୍ଥ ପ୍ରକାଶରେ ସହାୟକ ହୋଇଥାଏ । ପୂର୍ବ ପଦଟି ପର ପଦରେ ଆକାଂକ୍ଷା ଅଥବା ଅପେକ୍ଷା ରଖିଥାଏ । ଯଥା : 'ଚାଷୀଟି' ପଦଟି 'କ୍ଷେତରେ' ପଦକୁ ଅପେକ୍ଷା ରଖିଥିଲା । ପୂର୍ବ ପଦ ସହ ପରପଦର ଯଥାର୍ଥ ମିଳନ ଆକାଂକ୍ଷା ଦ୍ୱାରା ସାଧିତ ହୋଇଥାଏ । ଏହା ଦ୍ୱାରା ଭାବ ସଫଳ ଭାବରେ ବାକ୍ୟକୁ ରୂପାନ୍ତରିତ ହୋଇଥାଏ ।

### ତୁମପାଇଁ କାମ :

ନିମ୍ନରେ ଦିଆଯାଇଥିବା ପଦ ଗୁଡ଼ିକ ମଧ୍ୟରୁ କେଉଁ ପଦ ମଧ୍ୟରେ ଆକାଂକ୍ଷା ରହିଛି ଓ କେଉଁ ପଦ ମଧ୍ୟରେ ଆକାଂକ୍ଷା ନାହିଁ ଚିହ୍ନିତ କର ।

(କ) ଆକାଶରେ ପଥରଟି ।

(ଖ) ଆକାଶରେ ପକ୍ଷୀଟି ।

(ଗ) ପାଣି ନିଆଁରେ ।

(ଘ) ଗୋବିନ୍ଦ ପାଣିରେ ।

ଏବେ ତୁମେ ଆକାଂକ୍ଷା ରକ୍ଷା କରୁଥିବା ପଦର ସମ୍ମିଳନୀ ନିଜ ମନରୁ ଲେଖ :

(କ)

(ଖ)

(ଗ)

(ଘ)

## ଯୋଗ୍ୟତା :

ପଦ ପଦ ମଧ୍ୟରେ ସମ୍ପର୍କର ପ୍ରତିବନ୍ଧକହୀନତା ବା ବାଧାର ଅଭାବକୁ ଯୋଗ୍ୟତା କୁହାଯାଏ । ବାଧାହୀନ ଭାବରେ ପଦ ପଦ ମଧ୍ୟରେ ଯୋଗ୍ୟତା ରହି ସେମାନେ ପୂର୍ଣ୍ଣ ଅର୍ଥ ପ୍ରତିପାଦନରେ ସହାୟକ ହୋଇଥାନ୍ତି । ପଦ ପଦ ମଧ୍ୟରେ ପରସ୍ପର ବିରୋଧୀ ଅର୍ଥ ପ୍ରତିପାଦିତ ହେଉଥିଲେ ତାହା ବାକ୍ୟ ଗଠନରେ ସହାୟକ ହୁଏ ନାହିଁ । ଏଣୁ ପଦ ପଦ ମଧ୍ୟରେ ଅର୍ଥର ବାଧାହୀନ ସମ୍ପର୍କ ରହିବା ଉଚିତ୍ । ଏହାକୁ ଉଦାହରଣ ମାଧ୍ୟମରେ ବୁଝିବା ।

(କ) ପର୍ବତଟି ନାଚୁଅଛି

ଏଠାରେ ଯୋଗ୍ୟତା ହୀନ ପଦ ଦୁଇଟି ଏକତ୍ର ଥିବାରୁ ଅର୍ଥରେ ଅସଙ୍ଗତି ଦେଖାଦେଉଛି । ଯଦି ଏହାକୁ "ଝିଅଟି ନାଚୁଅଛି" ଲେଖିବା ତେବେ ତାହା ସଙ୍ଗତିପୂର୍ଣ୍ଣ ବା ଅର୍ଥଦ୍ୟୋତକ ହେବ ।

ସେହିପରି :

(ଖ) ଗଛଟି ଚାଲୁଛି

(ଗ) ପାଣିଟି ଶୋଇଛି

ପଦ ଗୁଡ଼ିକରେ ଯୋଗ୍ୟତାର ଅଭାବ ରହିଛି । ଯୋଗ୍ୟତା ଥିବା ପଦ ଲେଖିଲେ ଏପରି ହେବ ?

(ଖ) ବଳଦଟି ଚାଲୁଛି

(ଗ) ଗାଈଟି ଶୋଇଛି

### ତୁମପାଇଁ କାମ :

ନିମ୍ନରେ ଦିଆଯାଇଥିବା ପଦ ମାନଙ୍କରେ ଯୋଗ୍ୟତା ନଥିବା ପଦ ଗୁଡ଼ିକୁ ଚିହ୍ନିତ କରି ଯୋଗ୍ୟତା ଥିବାପଦ ଯୋଡ଼ ।

(କ) ପିଲାଟି ପଢୁଛି

(ଖ) ଗାଈଟି ନାଚୁଛି

(ଗ) ପବନ ଶୋଇଛି
(ଘ) ପର୍ବତ ଭାସୁଛି

## ଯୋଗ୍ୟତା ଥିବା ପଦ :

(କ) -------------

(ଖ) -------------

(ଗ) -------------

(ଘ) -------------

**ଆସତ୍ତି :** ଆସତ୍ତିର ଅର୍ଥ ଅସଂହତିହୀନତା । ଗୋଟିଏ ବାକ୍ୟରେ ପଦ ପଦ ମଧରେ ଅସଂହତିହୀନ ସଂପର୍କ ରହିଲେ ତାହା ପୂର୍ଣ୍ଣ ଅର୍ଥ ପ୍ରକାଶ କରିବାରେ ସମର୍ଥ ହୁଅନ୍ତି । ଯଦି ପଦ ପଦ ମଧରେ ଆସତ୍ତି ନରହେ ତେବେ ସେହି ବାକ୍ୟଟି ପୂର୍ଣ୍ଣ ଅର୍ଥ ପ୍ରକାଶ କରିବାରେ ଅସମର୍ଥ ହୋଇଥାଏ । ବାକ୍ୟରେ ଉପଯୁକ୍ତ ପଦ ବସାତକୁ ଆସତ୍ତି କୁହାଯାଏ ।

ନିମ୍ନରେ ଦିଆଯାଇଥିବା ପଦ ସମ୍ମିଳନୀକୁ ଲକ୍ଷ୍ୟ କର :
(କ) ଦ୍ୱାରା କରୁଛି ହଳବଳଦ ଚାଷୀଟି କ୍ଷେତରେ ଚାଷ

ଉପରୋକ୍ତ ପଦ ସମ୍ମିଳନୀରେ ଏକ ବାକ୍ୟ ଗଠନ ହୋଇ ପାରିନାହିଁ, କାରଣ ଏହା ପୂର୍ଣ୍ଣ ଅର୍ଥ ପ୍ରକାଶ କରିବାରେ ଅସମର୍ଥ । ପଦ ପଦ ମଧରେ ଆକାଂକ୍ଷା, ଯୋଗ୍ୟତା ଓ ଆସତ୍ତି ନଥିବାରୁ ଏହା ଏକ ବାକ୍ୟ ହୋଇପାରିନାହିଁ । ଯଦି ଆମେ ଏହି ପଦ ଗୁଡ଼ିକ ମଧରେ ଆକାଂକ୍ଷା, ଯୋଗ୍ୟତା ଓ ଆସତ୍ତି ରକ୍ଷା କରିବା ତେବେ ତାହା ଏହି ପ୍ରକାର ହେବ : -
ଚାଷୀଟି କ୍ଷେତରେ ହଳ ବଳଦ ଦ୍ୱାରା ଚାଷ କରୁଅଛି ।

## ତୁମପାଇଁ କାମ :

ନିମ୍ନରେ ଆକାଂକ୍ଷା, ଯୋଗ୍ୟତା ଓ ଆସତ୍ତି ହୀନ ପଦ ପୁଞ୍ଜି ଏକତ୍ର ଲେଖାଯାଇଛି । ସେଗୁଡ଼ିକୁ ଆକାଂକ୍ଷା, ଯୋଗ୍ୟତା ଓ ଆସତ୍ତିଯୁକ୍ତ କରି ବାକ୍ୟରେ ପ୍ରକାଶ କର ।

(କ) ବଜାରକୁ କାଗଜ ଯାଇ କଲମ ଓ ଖାତା କିଣିଲା ଯଦୁ ।
(ଖ) ଫେରିଲେ ହେବାରୁ ସନ୍ଧ୍ୟା ବସାକୁ ପକ୍ଷୀମାନେ ।
(ଗ) ଗୋବିନ୍ଦ ସ୍କୁଲ ଯିବନାହିଁ ଆଜି ।

(କ)



(ଖ)



(ଗ)



ଏବେ ତୁମେ ଚିତ୍ରକୁ ଦେଖି ସଫଳ ବାକ୍ୟ ରଚନା କର ।

(କ)

ବାକ୍ୟ -

(ଖ)

ବାକ୍ୟ -

(ଗ)

ବାକ୍ୟ -

## ୧.୪.୩. ବାକ୍ୟରେ ପ୍ରକାର ଭେଦ : ସରଳ, ଯୌଗିକ ଓ ଜଟିଳ

ଆମେ କହିବା ଓ ଲେଖିବା ସମୟରେ ନିଜ ମନର ଭାବନା ପ୍ରକାଶ କରିବା ନିମିତ୍ତ ଛୋଟ, ବଡ଼ ଆଦି ବିଭିନ୍ନ ପ୍ରକାର ବାକ୍ୟ ବ୍ୟବହାର କରିଥାଉ । କେତେବେଳେ ଅତି ଛୋଟ ବାକ୍ୟ ଦ୍ୱାରା ଆମର ଭାବନା ସଫଳ ଭାବରେ ପ୍ରକାଶ ହେଉଥିବା ସମୟରେ ବେଳେ ବେଳେ ବଡ଼ ବାକ୍ୟର ମଧ୍ୟ ଆବଶ୍ୟକତା ଥାଏ । ଏଣୁ ବାକ୍ୟର ପଠନ ଦୃଷ୍ଟିରୁ ବାକ୍ୟକୁ ତିନି ଭାଗରେ ବିଭକ୍ତ କରାଯାଏ -

ଯଥା :-(କ) ସରଳ ବାକ୍ୟ

(ଖ) ଯୌଗିକ ବାକ୍ୟ

(ଗ) ଜଟିଳ ବାକ୍ୟ

ଏବେ ଜାଣିବା ଏହି ବାକ୍ୟ ଗୁଡ଼ିକ କିପରି ଗଠନ କରାଯାଏ ।

**(କ) ସରଳ ବାକ୍ୟ -**

ଯେଉଁ ବାକ୍ୟରେ ଗୋଟିଏ ମାତ୍ର ସମାପିକା କ୍ରିୟା ବ୍ୟବହୃତ ହୋଇଥାଏ, ତାହାକୁ ସରଳ ବାକ୍ୟ କୁହାଯାଏ ।

(କ) ଛୁଆଟି କାନ୍ଦୁଛି ।

(ଖ) ନରେନ୍ଦ୍ର ଖାଉଛି ।

(ଗ) ସୂର୍ଯ୍ୟ ବୁଡୁଛି ।

ଉପରୋକ୍ତ ତିନୋଟି ବାକ୍ୟରେ କାନ୍ଦୁଛି, ଖାଉଛି, ବୁଡୁଛି ଆଦି ସମାପିକା କ୍ରିୟା । ଏହି ବାକ୍ୟ ଗୁଡ଼ିକରେ ଗୋଟିଏ ଲେଖାଏଁ ସମାପିକା କ୍ରିୟା ଥିବାରୁ ଏଗୁଡ଼ିକ ସରଳ ବାକ୍ୟ ।

### ତୁମ ପାଇଁ କାମ :

ଭାସୁଛି, ଦୌଡୁଛି, ପହଁରୁଛି, ନାଚୁଛି ଓ ପଢୁଛି ସମାପିକା କ୍ରିୟା ଯୋଗକରି ଗୋଟିଏ ଲେଖାଏଁ ସରଳ ବାକ୍ୟ ରଚନା କର ।

(କ)

(ଖ)

(ଗ)

(ଘ)

(ଙ)

**(ଖ) ଯୌଗିକ ବାକ୍ୟ -**

ଏକାଧିକ ସରଳ ବାକ୍ୟରେ ସଂଯୋଗରେ ଯେଉଁ ବାକ୍ୟ ଗଠିତ ହୁଏ, ତାହାକୁ ଯୌଗିକ ବାକ୍ୟ କୁହାଯାଏ । ସରଳ ବାକ୍ୟ ଗୁଡ଼ିକୁ ଓ, ଏବଂ, କିନ୍ତୁ, କିମ୍ବା, ନଚେତ୍, ତଥାପି ପ୍ରଭୃତି ଅବ୍ୟୟ ପଦ ଦ୍ୱାରା ସଂଯୁକ୍ତ କରାଯାଇ ସରଳ ବାକ୍ୟକୁ ଯୌଗିକ ବାକ୍ୟରେ ପରିଣତ କରାଯାଏ ।

ଏବେ ଦୁଇଟି ସରଳ ବାକ୍ୟକୁ ଅବ୍ୟୟ ଯୋଗକରି ଯୌଗିକ ବାକ୍ୟରେ ପରିଣତ କରିବା ।

(କ) ବର୍ଷା ହେଉଛି ।

(ଖ) ଚାଷୀଟି ଚଷୁଛି ।

'ତଥାପି' ଯୋଗକରି ଏହାକୁ ଯୌଗିକ ବାକ୍ୟରେ ପରିଣତ କରାଯାଇ ପାରିବ - ବର୍ଷା ହେଉଛି ତଥାପି ଚାଷୀଟି ଚଷୁଛି ।

ସେହିପରି -

(କ) ଶ୍ରମିକମାନେ ବେଶୀ ଗପୁଛନ୍ତି ଓ କମ୍ କାମ କରୁଛନ୍ତି ।

(ଖ) ଶୀଘ୍ର ବର୍ଷା ହେବା ଦରକାର ନଚେତ୍ ଚାଷ ଉଜୁଡ଼ି ଯିବ ।

(ଗ) ମୁଁ ଭୋକିଲା ତଥାପି କାମ କରୁଛି ।

ଉପରୋକ୍ତ କ ବାକ୍ୟରେ 'ଓ' ଖ ବାକ୍ୟରେ ନଚେତ ଏବଂ ଗ ବାକ୍ୟରେ ତଥାପି ଅବ୍ୟୟ ପଦ ଯୋଗ କରାଯାଇ ସରଳ ବାକ୍ୟକୁ ଯୌଗିକ ବାକ୍ୟରେ ପରିଣତ କରାଯାଇଛି ।

## ତୁମପାଇଁ କାମ :

ନିମ୍ନଲିଖିତ ସରଳ ବାକ୍ୟକୁ ଯୌଗିକ ବାକ୍ୟରେ ପରିଣତ କର ।

(କ) ସୀତାଂଶୁ ଗାଉଛି ।
ସୀତାଂଶୁ ନାଚୁଛି ।

**ଯୌଗିକ ବାକ୍ୟ :**

(ଖ) ସନ୍ଧ୍ୟା ହେଲା ।
ଗୋରୁ ଗାଈମାନେ ଘରକୁ ଫେରିଲେ ।

**ଯୌଗିକ ବାକ୍ୟ :**

(ଗ) ଚନ୍ଦ୍ର ଉଦୟ ହେଲେ ।
ଆକାଶ ସୁନ୍ଦର ଦିଶିଲା ।

ଯୌଗିକ ବାକ୍ୟ :

(ଘ) ନଈ ବଢ଼ିଲା ।
ଘର ଭାସିଗଲା ନାହିଁ ।

**ଯୌଗିକ ବାକ୍ୟ :**

ଏବେ ତୁମେ ନିଜ ମନରୁ ଚାରୋଟି ଯୌଗିକ ବାକ୍ୟ ଲେଖ :

(କ)

(ଖ)

(ଗ)

(ଘ)

**(ଗ) ଜଟିଳ ବାକ୍ୟ**

ଯେଉଁ ବାକ୍ୟରେ ଗୋଟିଏ ମୁଖ୍ୟ ବାକ୍ୟ ଥାଏ ଏବଂ ଏହାକୁ ଏକ ବା ଏକାଧିକ ବାକ୍ୟ ଉକ୍ତ ମୁଖ୍ୟ ବାକ୍ୟଟିକୁ ଆଶ୍ରୟ କରି ରହିଥାନ୍ତି, ତାହାକୁ ଜଟିଳ ବାକ୍ୟ କୁହାଯାଏ ।

ଆଶ୍ରିତ ବାକ୍ୟ ଗୁଡ଼ିକରେ ଯେ, ଯେଉଁ, ଯାହାକୁ, ସେତେବେଳେ, ଯଦି, ଯେଉଁଠାରେ, ଯେତେବେଳେ, ଯେହେତୁ, ଯେମିତି, ସେମିତି, ତେବେ ପ୍ରଭୃତିର ପ୍ରୟୋଗ କରାଯାଇ ମୁଖ୍ୟ ବାକ୍ୟ ସହ ସଂଯୋଗ କରାଯାଏ ।

ତୁମେ ଯଦି ମୋ ଘରକୁ ଆସିବ, ତେବେ ଆମେ ସାଥି ହୋଇ ରଥଯାତ୍ରା ଦେଖିବାକୁ ଯିବା ।

ଉପରୋକ୍ତ ଜଟିଳ ବାକ୍ୟରେ ମୁଖ୍ୟ ବାକ୍ୟ "ଆମେ ସାଥି ହୋଇ ରଥଯାତ୍ରା ଦେଖିବାକୁ ଯିବା ।" "ତୁମେ ଯଦି ମୋ ଘରକୁ ଆସିବ" - ଏହା ମୁଖ୍ୟ ବାକ୍ୟର ଆଶ୍ରିତ ବାକ୍ୟ ।

ସେହିପରି ଆଉ କେତୋଟି ଜଟିଳ ବାକ୍ୟର ଉଦାହରଣ :-

(ଘ) ମୁଁ ଯେତେବେଳେ ସ୍କୁଲରେ ପହଞ୍ଚିଲି, ସେତେବେଳେ ସ୍କୁଲରେ ଶିକ୍ଷକ ନଥିଲେ ।
    ମୁଖ୍ୟ ବାକ୍ୟ : ସେତେବେଳେ ସ୍କୁଲରେ ଶିକ୍ଷକ ନଥିଲେ ।
    ଆଶ୍ରିତ ବାକ୍ୟ : ମୁଁ ଯେତେବେଳେ ସ୍କୁଲରେ ପହଞ୍ଚିଲି ।
(ଖ) ଯେ ଭଲ କାମ କରେ, ସେ ପ୍ରଶଂସା ପାଏ ।
    ମୁଖ୍ୟ ବାକ୍ୟ : ସେ ପ୍ରଶଂସା ପାଏ ।
    ଆଶ୍ରିତ ବାକ୍ୟ : ଯେ ଭଲ କାମ କରେ ।
(ଗ) ଯିଏ ଦରିଦ୍ର ସେବାକରେ, ତାହାକୁ ଭଗବାନ ଆଶୀର୍ବାଦ କରନ୍ତି ।
    ମୁଖ୍ୟ ବାକ୍ୟ : ତାହାକୁ ଭଗବାନ ଆଶୀର୍ବାଦ କରନ୍ତି ।
    ଆଶ୍ରିତ ବାକ୍ୟ : ଯିଏ ଦରିଦ୍ର ସେବାକରେ ।

## ତୁମପାଇଁ କାମ :

ନିମ୍ନଲିଖିତ ଜଟିଳ ବାକ୍ୟରୁ ମୁଖ୍ୟ ବାକ୍ୟ ଓ ଆଶ୍ରିତ ବାକ୍ୟ ଚିହ୍ନିତ କର ।

(କ) ଯଦି ବର୍ଷା ହେବ, ମୁଁ ହାଟକୁ ଯିବି ନାହିଁ ।
    ମୁଖ୍ୟ ବାକ୍ୟ :
    ଆଶ୍ରିତ ବାକ୍ୟ :
(ଖ) ଗୀତା ଯେତେବେଳେ ସ୍କୁଲରେ ପହଞ୍ଚିଲା, ସ୍କୁଲରେ କେହି ନଥିଲେ ।
    ମୁଖ୍ୟ ବାକ୍ୟ :
    ଆଶ୍ରିତ ବାକ୍ୟ :

(ଗ) ଯିଏ ଆଶ୍ରିତକୁ ସାହାଯ୍ୟ କରେ, ଭଗବାନ ତାଙ୍କୁ ଆଶୀର୍ବାଦ କରନ୍ତି ।
    ମୁଖ୍ୟ ବାକ୍ୟ :
    ଆଶ୍ରିତ ବାକ୍ୟ :

ଏବେ ତୁମେ ନିଜ ମନରୁ ତିନୋଟି ଜଟିଳ ବାକ୍ୟ ଲେଖ ।

(କ)

(ଖ)

(ଗ)

## ୧.୪.୪ ଭାବବୋଧକ ବାକ୍ୟ

ଗଠନ ପ୍ରଣାଳୀକୁ ନେଇ ବାକ୍ୟ ତିନି ଭାଗରେ ବିଭକ୍ତ (ସରଳ ବାକ୍ୟ, ଯୌଗିକ ବାକ୍ୟ ଓ ଜଟିଳ ବାକ୍ୟ) ହୋଇଥିବା ବିଷୟରେ ଆମେ ପୂର୍ବ ଅଧ୍ୟାୟରେ ଶିକ୍ଷା କଲେ । ଏବେ ବାକ୍ୟର ଭାବବୋଧକ ଗଠନ ପ୍ରଣାଳୀ ସଂପର୍କରେ ଜାଣିବା ।

ପୂର୍ବରୁ କୁହାଯାଇଛି : କେତେଗୁଡ଼ିଏ ପଦ ସମ୍ମିଳିତ ହୋଇ ପୂର୍ଣ୍ଣ ରୂପେ ମନର ଭାବନାକୁ ପ୍ରକାଶ କରିବାକୁ ସମର୍ଥ ହେଲେ, ତାହାକୁ ବାକ୍ୟ କହିବ । ଏହି ମନର ଭାବନା ପ୍ରକାଶ ସମୟରେ, ଏହା ଅନେକ ସମୟରେ ବିବୃତି ସୂଚକ, ପ୍ରଶ୍ନ ସୂଚକ, ଆଦେଶ ସୂଚକ ବା ବିସ୍ମୟ ସୂଚକ ମଧ୍ୟ ହୋଇଥାଏ । ଲେଖକ ଏହି ବାକ୍ୟ ମଧ୍ୟରେ ନିଜର ଆବେଗକୁ ଯଥାର୍ଥ ଭାବରେ ପ୍ରକାଶ କରିବାକୁ ସମର୍ଥ ହୋଇଥାଏ ।

(କ) ବିବୃତି ସୂଚକ ବା ବିବରଣାତ୍ମକ ବାକ୍ୟ –

ଯେଉଁ ବାକ୍ୟରେ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ବିବୃତି ଅଥବା ବକ୍ତବ୍ୟ ଅବତାରଣଶା କରାଯାଏ, ତାହାକୁ ବିବୃତି ସୂଚକ ବା ବିବରଣାତ୍ମକ ବାକ୍ୟ କୁହାଯାଏ ।

ଯଥା : (କ) ଆଜି ବର୍ଷା ହୋଇପାରେ ।

(ଖ) ଏ ବର୍ଷ ମରୁଡ଼ି ହେବର ଆଶଙ୍କା ଅଛି ।

(ଗ) ସମୁଦ୍ର ଆଜି ଅଶାନ୍ତ ।

ଉପରୋକ୍ତ ବାକ୍ୟ ଗୁଡ଼ିକ ଏକ ଏକ ନିର୍ଦ୍ଦିଷ୍ଟ ବିଷୟରେ କିଛି ବିବରଣୀ ବା ବିବୃତି ପ୍ରଦାନ କରୁଥିବାରୁ ଏଗୁଡ଼ିକ ବିବୃତି ସୂଚକ ବା ବିବରଣାତ୍ମକ ବାକ୍ୟ କୁହାଯାଏ ।

## ତୁମପାଇଁ କାମ :

ନିମ୍ନଲିଖିତ ବାକ୍ୟ ଗୁଡ଼ିକରୁ କେଉଁ ଗୁଡ଼ିକ ବିବୃତି ସୂଚକ ବା ବିବରଣାତ୍ମକ ବାକ୍ୟ ଚିହ୍ନଟ କର ।

(କ) ମୁଁ ଆଜି ହରି ସହ ସ୍କୁଲ ଯିବି । ...........

(ଖ) ଆଜି ସକାଳ କି ସୁନ୍ଦର । ..........

(ଗ) ହରି ସାଇକେଲରୁ ପଡ଼ି ଗୋଡ଼ ଭାଙ୍ଗି ଦେଇଛି । ..........

(ଘ) ଏ ବର୍ଷ ଅଧିକ ବର୍ଷା ହେବ । ...........

**(ଖ) ଆଦେଶ ସୂଚକ ବାକ୍ୟ :**

ଯେଉଁ ବାକ୍ୟରେ ଆଦେଶ, ଆଶିଷ, ଅଥବା ଅନୁରୋଧମୂଳକ ଭାବ ପ୍ରକାଶ ପାଏ, ତାହାକୁ ଆଦେଶମୂଳକ ବାକ୍ୟ କୁହାଯାଏ ।

ଯଥା : (କ) ତୁମେ ଆଜି ସ୍କୁଲ ଯିବନାହିଁ ।

(ଖ) ଭଗବାନ ତୁମର ମଙ୍ଗଳ କରନ୍ତୁ ।

(ଗ) ଦୟାକରି ତୁମେ ଆଜି ମୋ ପାଇଁ ପୁସ୍ତକଟି ଆଣିଦେବ ।

ଉପରୋକ୍ତ ଉଦାହରଣରେ 'କ' ବାକ୍ୟଟି ସ୍କୁଲ ନଯିବା ନିମିତ୍ତ ଆଦେଶ 'ଖ' ବାକ୍ୟଟିରେ ଭଗବାନ ମଙ୍ଗଳ କରନ୍ତୁ ରୂପକ ଆଶିଷ ଏବଂ 'ଗ' ବାକ୍ୟଟିରେ ଅନୁରୋଧ ସୂଚକ ଭାବ ବ୍ୟକ୍ତ କରାଯାଇଛି ।

## ତୁମପାଇଁ କାମ :

ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଆଦେଶ, ଆଶିଷ, ଅଥବା ଅନୁରୋଧସୂଚକ ଚିହ୍ନିତ କର ।

(କ) ଦୟାକରି ତୁମେ ହାଟକୁ ଯାଅନାହିଁ।

(ଖ) ତୁମ୍ଭେ କ୍ରିକେଟ ଖେଳନାହିଁ।

(ଗ) ମା ତୁମର ମଙ୍ଗଳ କରିବେ।

(ଘ) ତୁମ୍ଭେ ଯାଅ ଖାଇବ।

(ଙ) ଗଣ୍ଡଗୋଳ ନ କରିଲେ ଭଲ ହୁଅନ୍ତା।

(ଚ) ଆସ ! ଘରକୁ ଯିବା।

ଏବେ ତୁମେ ଆଦେଶ, ଆଶିଷ ଓ ଅନୁରୋଧସୂଚକ ଦୁଇଟି ଲେଖାଏଁ ବାକ୍ୟ ନିଜ ମନରୁ ଲେଖ ।

| | |
|---|---|
| (କ) | ଆଦେଶ ସୂଚକ |
| (ଖ) | ଆଦେଶ ସୂଚକ |
| (ଗ) | ଆଶିଷ ସୂଚକ |
| (ଘ) | ଆଶିଷ ସୂଚକ |
| (ଙ) | ଅନୁରୋଧ ସୂଚକ |
| (ଚ) | ଅନୁରୋଧ ସୂଚକ |

### (ଗ) ପ୍ରଶ୍ନ ସୂଚକ ;

ଯେଉଁ ବାକ୍ୟରେ କୌଣସି ବିଷୟରେ ଜିଜ୍ଞାସା ବା ପ୍ରଶ୍ନ କରାଯାଇଥାଏ, ତାହାକୁ ପ୍ରଶ୍ନ ସୂଚକ ବାକ୍ୟ କୁହାଯାଏ ।

ଯଥା : ତୁମେ ସେଠାରେ କଣ କରୁଥିଲ ?
ଏଠାରେ କଣ କରୁଥିବା ସଂପର୍କରେ ପ୍ରଶ୍ନ କରାଯାଇଥିବାରୁ, ଏହା ଏକ ପ୍ରଶ୍ନ ସୂଚକ ବାକ୍ୟ ।
ସେହିପରି :
(କ) ତୁମେ ଆଜି ସ୍କୁଲ ଯିବ ନାହିଁକି ?
(ଖ) ପିଲାଟି କାହିଁକି କାନ୍ଦୁଛି ?
(ଗ) ଗୋବିନ୍ଦ ଘରେ ଅଛିତ ?
ଏଗୁଡ଼ିକ ଗୋଟିଏ ପ୍ରଶ୍ନବାଚକ ବାକ୍ୟ ।

## ତୁମପାଇଁ କାମ :

ନିମ୍ନ ଲିଖିତ ବାକ୍ୟ ଗୁଡ଼ିକରୁ ପ୍ରଶ୍ନ ଚିହ୍ନିତ ବାକ୍ୟ ନିରୂପଣ କର ।

(କ) ଚାଷୀଟି ଚାଷ କରୁଛି ।

(ଖ) ଚାଷୀଟି ଚାଷ କରୁଛି କି ?

(ଗ) ପିଲାଟି ଭଲ ପଢୁନାହିଁକି ?

(ଘ) ପିଲାଟି ଭଲ ପଢୁଛି ।

ଏବେ ତୁମେ ଚାରୋଟି ପ୍ରଶ୍ନସୂଚକ ବାକ୍ୟ ନିଜ ମନରୁ ଲେଖ ।

(କ)

(ଖ)

(ଗ)

(ଘ)

# (ଘ) ବିସ୍ମୟସୂଚକ ବାକ୍ୟ ।

ଯେଉଁ ବାକ୍ୟରେ ବିସ୍ମୟ ସୂଚକ ଭାବ ପ୍ରକାଶିତ ହୁଏ, ତାହାକୁ ବିସ୍ମୟ ସୂଚକ ବାକ୍ୟ କୁହାଯାଏ ।

ଯଥା : (କ) ଆକାଶରେ କି ସୁନ୍ଦର ଇନ୍ଦ୍ରଧନୁ !

(ଖ) ଫୁଲଟି ଅତି ସୁନ୍ଦର !

(ଗ) କି ବର୍ଷା !

ଏଗୁଡ଼ିକ ଗୋଟିଏ ଗୋଟିଏ ବିସ୍ମୟ ସୂଚକ ବାକ୍ୟ

## ତୁମପାଇଁ କାମ :

ନିମ୍ନଲିଖିତ ବାକ୍ୟ ଗୁଡ଼ିକରୁ କେଉଁଗୁଡ଼ିକ ବିସ୍ମୟ ସୂଚକ ବାକ୍ୟ ଚିହ୍ନିତ କର ।

(କ) ଆଜି ବର୍ଷା ହେବକି ?

(ଖ) ଖୁବ୍ ଜୋରରେ ବର୍ଷା !

(ଗ) ପ୍ରବଳ ଗରମ !

(ଘ) ଆଜି ପ୍ରବଳ ଗରମ ।

ଏବେ ତୁମେ ନିଜ ମନରୁ ଚାରୋଟି ବିସ୍ମୟ ସୂଚକ ବାକ୍ୟ ଲେଖ -

(କ)

(ଖ)

(ଗ)

(ଘ)

## ୧.୪.୫. ବାକ୍ୟ ବିନ୍ୟାସ ଚିହ୍ନ

ମନର ଭାବନାକୁ ବାକ୍ୟରେ ପରିଣତ କରିବା ସମୟରେ ଭାବନାକୁ ସ୍ପଷ୍ଟ ରୂପେରେଖ ଦେବା ନିମିତ୍ତ ବାକ୍ୟରେ କେତେକ ଚିହ୍ନର ବ୍ୟବହାର କରାଯାଇଥାଏ । ଆମେ ପୂର୍ବ ପାଠରେ ବ୍ୟବହୃତ ବାକ୍ୟ ଗୁଡ଼ିକରେ ଏହି ପ୍ରକାର ବ୍ୟବହୃତ ଚିହ୍ନ ସଂପର୍କରେ ଜ୍ଞାନ ଆହରଣ କରିବା ।

ବାକ୍ୟରେ ବ୍ୟବହୃତ ଚିହ୍ନଗୁଡ଼ିକ ନିମ୍ନ ପ୍ରକାର -

**(କ) ପୂର୍ଣ୍ଣଛେଦ ।**

**(ଖ) କମା ବା ପ୍ରଥମଛେଦ ,**

**(ଗ) ସେମିକଲୋନ ବା ଦ୍ୱିତୀୟଛେଦ ;**

**(ଘ) କୋଲନ୍ :**

**(ଙ) ଉଦାହରଣ ବା ଯଥା ଚିହ୍ନ :-**

**(ଚ) ପ୍ରଶ୍ନବାଚକ ଚିହ୍ନ - ?**

**(ଛ) ବିସ୍ମୟାଦି ସୂଚକ ଚିହ୍ନ - !**

**(ଜ) ଉଦ୍ଧୃତ ଚିହ୍ନ " " ବା ' '**

**(ଝ) ବ୍ୟବଧାନ ଚିହ୍ନ -**

**(ଞ) ବନ୍ଧନୀ ଚିହ୍ନ ()/ [ ] / { } /**

**(କ) ପୂର୍ଣ୍ଣଛେଦ :( ।)** ଏହି ଚିହ୍ନ ସଂପୂର୍ଣ୍ଣ ଅର୍ଥ ପ୍ରକାଶ କରୁଥିବା ବାକ୍ୟରେ ଦିଆଯାଏ ।

ଯଥା :- (କ) ଚାଷୀଟି କ୍ଷେତରେ ହଳବଳଦ ଦ୍ୱାରା ଚାଷ କରୁଅଛି ।
(ଖ) ଛୁଆଟି କାନ୍ଦୁଛି ।
(ଗ) ନରେନ୍ଦ୍ର ଖାଉଛି ।

**(ଖ) କମା ବା ପ୍ରଥମଛେଦ ( , ) ।**

(i) ଗୋଟିଏ ବାକ୍ୟରେ ବ୍ୟବହୃତ ଏକାଧିକ ବିଶେଷ୍ୟ, ଏକାଧିକ ବିଶେଷଣ, ଏକାଧିକ କ୍ରିୟାପଦକୁ ପୃଥକ୍ କରିବାପାଇଁ ପ୍ରଥମଛେଦ (,) ବ୍ୟବହୃତ ହୁଏ । ମାତ୍ର ଏହା ସଂଯୋଜକ ଅବ୍ୟୟ ପଦପୂର୍ବରୁ ବ୍ୟବହୃତ ହୁଏନାହିଁ

ଯଥା : - (କ) ରାମ, ବନମାଳୀ ଓ ଶଶିକାନ୍ତ ସାଥୀ ହୋଇ ସ୍କୁଲ ଯାଉଛନ୍ତି ।

(ଖ) ଗୀତା, ମୀତା, ମୀନାକ୍ଷୀ ସାଥି ହୋଇ ନୃତ୍ୟ ଶିକ୍ଷା କରନ୍ତି କିନ୍ତୁ ମମତା ଏକୁଟିଆ ନୃତ୍ୟ ଶିକ୍ଷା କରେ ।

'କ' ବାକ୍ୟରେ ରାମ ପରେ ଓ 'ଖ' ବାକ୍ୟରେ ଗୀତା ଓ ମୀତା ପଦ ପରେ ପ୍ରଥମଚ୍ଛେଦ ବ୍ୟବହାର କରାଯାଇଛି ।

(ii) ଯୌଗିକ ବାକ୍ୟ ଗୁଡ଼ିକ ପୃଥକ୍ କରିବା ନିମିତ୍ତ ପ୍ରଥମଚ୍ଛେଦ (,) ବ୍ୟବହାର କରଯାଏ ।

ଯଥା :- (କ) ସେ ନିଜେ ଖାଇଲେ, ଆମକୁ ଖାଇବାକୁ ଦେଲେ ନାହିଁ ।

(ଖ) ତୁମେ ସେପରି କାମ କରନାହିଁ, ନଚେତ ଦଣ୍ଡ ପାଇବ ।

(iii) ଜଟିଳ ବାକ୍ୟରେ ପ୍ରଧାନ ବାକ୍ୟଠାରୁ ଅପ୍ରଧାନ ବାକ୍ୟକୁ ପୃଥକ୍ କରିବା ନିମିତ୍ତ ପ୍ରଥମଚ୍ଛେଦ (,) ବ୍ୟବହୃତ ହୁଏ ।

ଯଥା :- (କ) ଗୋବିନ୍ଦ ଅତ୍ୟନ୍ତ ଭକ୍ତି ପରାୟଣ, ଏଣୁ ସେ ସର୍ବତ୍ର ଭଗବାନଙ୍କୁ ଉପଲବ୍ଧି କରନ୍ତି ।

(ଖ) ତୁ ଯେତେ ମାଡିବୁ ମାଠ, ମୁଁ ସେହି ଦରପୋଡ଼ା କାଠ ।

'କ' ବାକ୍ୟରେ "ସେ ସର୍ବତ୍ର ଭଗବାନଙ୍କ ଉପଲବ୍ଧି କରନ୍ତି" ଏବଂ 'ଖ' ବାକ୍ୟରେ "ମୁଁ ସେହି ଦରପୋଡ଼ା କାଠ" ମୁଖ୍ୟ ବାକ୍ୟକୁ ପ୍ରଥମଚ୍ଛେଦ (,) ମାଧମରେ ଅପ୍ରଧାନ ବାକ୍ୟ ପୃଥକ୍ କରାଯାଇଛି ।

(iv) ଉଦ୍ଧୃତ ବାକ୍ୟ ପୂର୍ବରୁ ପ୍ରଥମଚ୍ଛେଦ (,) ବ୍ୟବହାର କରାଯାଇଥାଏ ।

ଯଥା :- ପଲ୍ଲୀକବି ନନ୍ଦକିଶୋରଙ୍କ ଭାଷାରେ,

"କହିବା ଲୋକତ ମହତ ନୁହଁଇ
ସହିବା ମହତ ଜନ
ସହିଷ୍ଣୁତାହୀନ ବାଳକବାଳିକା
ହୁଅନ୍ତି କ୍ରୋଧେ ଅଜ୍ଞାନ ।"

(v) ଦରଖାସ୍ତ ଓ ଶିରୋଲେଖାରେ ପ୍ରଥମଚ୍ଛେଦ (,) ବ୍ୟବହୃତ ହୁଏ ।

ଯଥା :-

(କ) ଦରଖାସ୍ତ ।

ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର ।

(ଖ) ଶିରୋଲେଖା ।

ପ୍ରିୟ ମହାଶୟ,
ଆମର ପ୍ରଣାମ ଗ୍ରହଣ କରିବେ ।

(vi) ନାମପରେ ଉପାଧି ଯୋଗକଲେ ପ୍ରଥମଚ୍ଛେଦ (,) ବ୍ୟବହୃତ ହୁଏ ।

ଯଥା :- ଡ଼କ୍ଟର ପ୍ରସନ୍ନ କୁମାର ମହାପାତ୍ର, ଏମ.ଏ. ପିଏଚ ଡ଼ି, ଡ଼ି.ଲିଟ୍, ସାହିତ୍ୟ ରତ୍ନ ।

## (ଗ) ସେମିକୋଲନ ବା ଦ୍ୱିତୀୟଚ୍ଛେଦ (;)

ପ୍ରଥମଚ୍ଛେଦଠାରୁ ଅଧିକ ବିରାମର ଆବଶ୍ୟକ ଥିଲେ ସେମିକଲୋନ ବା ଦ୍ୱିତୀୟଚ୍ଛେଦ ବ୍ୟବହାର କରାଯାଏ ।

(i) ସଂଯୋଜକ ବିହୀନ ଯୌଗିକ ବାକ୍ୟରେ ସମକକ୍ଷ ବାକ୍ୟଗୁଡ଼ିକୁ ପୃଥକ୍ କରିବା ନିମିତ୍ତ ସେମିକଲୋନ୍ ବା ଦ୍ୱିତୀୟଚ୍ଛେଦ ବ୍ୟବହାର କରାଯାଏ ।

ଯଥା :- ମୁଁ ପ୍ରାର୍ଥନା କଲେ; ମନରେ ଶାନ୍ତି ପାଏ ।

(ii) ଗୋଟିଏ ଭାବର ଗତି ଅବିଚ୍ଛିନ୍ନ ଥିଲେ ପ୍ରତ୍ୟେକ ପୂର୍ଣ୍ଣ ବାକ୍ୟର ଶେଷରେ ଦ୍ୱିତୀୟଚ୍ଛେଦ ବ୍ୟବହୃତ ହୁଏ ।

ଯଥା :- ମୁଁ ସକାଳେ ଜଳଖିଆ ଖାଇ ସାରିଲି; ତାପରେ ସାଇକେଲରେ ସ୍କୁଲ ଯାଉଥିଲି; ରାସ୍ତାରେ ମାଧବ ଦେଖାହେବାରୁ ମୁଁ ତାଙ୍କୁ ସାଥୀରେ ନେଇଗଲି ।

(iii) ନହେଲେ, ନଚେତ୍, ତଥାପି, ପୁଣି, ପ୍ରଭୃତି ସଂଯୋଜକ ଯୁକ୍ତ ଯୌଗିକ ବାକ୍ୟର ସହବାକ୍ୟ ଗୁଡ଼ିକୁ ପୃଥକ୍ କରିବା ନିମିତ୍ତ ସେମିକଲୋନ୍ ବା ଦ୍ୱିତୀୟଚ୍ଛେଦ ବ୍ୟବହୃତ ହୁଏ ।

ଯଥା :- ଭଲ ଭାବରେ ଚାଷକର; ନଚେତ ଫସଲ ଭଲ ପାଇବ ନାହିଁ ।

## (ଘ) କୋଲନ (:) ।

ଦ୍ୱିତୀୟଚ୍ଛେଦଠାରୁ ଅଧିକ ବିରାମ ଆବଶ୍ୟକ ହେଉଥିଲେ ସେଠାରେ କଲୋନ ବ୍ୟବହାର କରାଯାଏ ।

ଉଦାହରଣ ପୂର୍ବରୁ ଅଥବା ସଂଳାପ ରଚନା କ୍ଷେତ୍ରରେ କୋଲନ୍ ବ୍ୟବହାର କରାଯାଏ ।

ଯଥା : - (କ) ବ୍ୟାସକବି ଫକୀର ମୋହନ ସାହିତ୍ୟର ବହୁ ବିଭାଗରେ ଲେଖନୀ ଚାଳନା କରିଥିଲେ : ଗଳ୍ପ, ଉପନ୍ୟାସ, କାବ୍ୟ, କବିତା, ଆତ୍ମଜୀବନୀ ଓ ପ୍ରବଂଧ ।

(ଖ) ଶରତ : କଣ କହିଲ

ବେବି : ତୁମେ କଣ ଅନ୍ୟମନସ୍କ .......

ଶରତ : ନାଚ ..........

## (ଙ) ଉଦାହରଣ ବା ଯଥା ଚିହ୍ନ (:-) ।

ଉଦାହରଣ ଦେବା ସମୟରେ ଏହି ଉଦାହରଣ ଚିହ୍ନର ବ୍ୟବହାର କରାଯାଏ ।

ଯଥା : ବର୍ଷକ ଛଅ ଋତୁ; ଯଥା - ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ ଓ ବସନ୍ତ ।

## (ଚ) ପ୍ରଶ୍ନବାଚକ ଚିହ୍ନ ( ? ) ।

ପ୍ରଶ୍ନାର୍ଥକ ବାକ୍ୟଶେଷରେ ଏହି ଚିହ୍ନ ବ୍ୟବହାର କରାଯାଏ ।

ଯଥା : - ତୁମେ କିଏ ?

## (ଛ) ବିସ୍ମୟାସୂଚକ ଚିହ୍ନ ( ! )

ଆନନ୍ଦ, ବିଷାଦ, ଘୃଣା, ବିସ୍ମୟାଦି ଭାବପ୍ରକାଶକ ବାକ୍ୟରେ ଏହି ଚିହ୍ନ ବ୍ୟବହାର କରାଯାଏ ।

ଯଥା :- (କ) ଏ ଗୋଲାପଟିର କି ମହକ !

(ଖ) ଓଃ ! କି କଷ୍ଟ !

(ଗ) ଉଦ୍ଧୃତ ଚିହ୍ନ ("" ବା '') ।

କବି, ଲେଖକ, ମନିଷୀ ବା ଚିନ୍ତାନାୟକଙ୍କ ବକ୍ତବ୍ୟକୁ ଅବିକଳ ଲେଖାରେ ପ୍ରକାଶ କଲେ ଏହି ଉଦ୍ଧୃତ ଚିହ୍ନ ବ୍ୟବହାର କରାଯାଏ ।

ଯଥା :- କବିସୂର୍ଯ୍ୟ ବଳଦେବ ରଥ କିଶୋର ଚନ୍ଦ୍ରାନନ ଚମ୍ପୂର "ଗ" ଗୀତରେ ଲେଖିଛନ୍ତି :-

"ଗଲାଣି ତ ଗଲା କଥାରେ ସଙ୍ଗାତ
ଗୁପତେ ସିନା ମୁଁ ତୋତେ ପଚାରିଲି ବଳି ପଡ଼ିବାରୁ ବ୍ୟଥା ।"

ଗୋଟିଏ ଉଦ୍ଧୃତି ମଧ୍ୟରେ ଆଉଗୋଟିଏ ଉଦ୍ଧୃତି ବ୍ୟବହାର ହେଲେ (‘’) ଚିହ୍ନ ବ୍ୟବହାର କରାଯାଏ ।

ଯଥା :- ଶିକ୍ଷକ ଛାତ୍ରଛାତ୍ରୀଙ୍କୁ କହିଲେ,

"ଏବେ ମୁଁ ତୁମକୁ ରାମକୃଷ୍ଣ ନନ୍ଦ ଲେଖିଥିବା ପ୍ରାର୍ଥନାଟି ଗାଇ ଶୁଣାଉଛି,

‘ସତ କହିବାକୁ କିଆଁ ଡ଼ରିବି

ସତ କହି ପଛେ ମଲେ ମରିବି’ ।

ଏହାକୁ ନିଜ ଜୀବନରେ ସର୍ବଦା ପାଳନ କରିବ ।"

## (ଟ) ବ୍ୟବଧାନ ବା ରେଖା ଚିହ୍ନ (-) ।

ବାକ୍ୟଟି ସରିବା ପୂର୍ବରୁ ମଝିରେ ବନ୍ଦ କରି ଅନ୍ୟ ବାକ୍ୟ ଆରମ୍ଭ କଲେ ବ୍ୟବଧାନ ଚିହ୍ନ ବ୍ୟବହାର କରାଯାଏ ।

ଯଥା :- ଛାଡ଼ ସେ କଥା - ଚାଲ ହାଟକୁ ଯିବା ।

## (ଞ) ବନ୍ଧନୀ ଚିହ୍ନ ( ( ) , { }, [ ] )

ବନ୍ଧନୀ ଚନ୍ଦ୍ର ବନ୍ଧନୀ - ( ) ବର୍ଗବନ୍ଧନୀ [ ] ଓ କୁଟିଳ ବନ୍ଧନୀ { } ଭାବରେ ତିନିଭାଗରେ ବିଭକ୍ତ କରାଯାଏ ।

ବାକ୍ୟରେ ବ୍ୟବହୃତ ପଦକୁ ଅଥବା ଅର୍ଥକୁ ଅଧିକ ସ୍ପଷ୍ଟ ଓ ପ୍ରାଧାନ୍ୟ ପ୍ରଦାନ କରିବାକୁ ଏହି ବନ୍ଧନୀ ଗୁଡ଼ିକ ବ୍ୟବହାର କରାଯାଇଥାଏ ।

ଯଥା :- "ସମାଜ" (ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ସମ୍ବାଦ ପତ୍ର) ଓଡ଼ିଶାର ଦୈନିକ ସମ୍ବାଦପତ୍ରମାନଙ୍କ ମଧ୍ୟରେ ଅଗ୍ରଣୀ ଅଟେ ।

## ୧.୫ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ

**(କ) ଗୋଟିଏ ସରଳ ବାକ୍ୟ ରଚାନ ପୂର୍ବକ ଏହାର ଉଦ୍ଦେଶ୍ୟ ଓ ବିଧେୟ ଚିହ୍ନିତ କର ।**

ସରଳ ବାକ୍ୟ :-

(କ) ଉଦ୍ଦେଶ୍ୟ :-

(ଖ) ବିଧେୟ :-

**(ଖ) ବାକ୍ୟରେ ଆକାଂକ୍ଷା, ଯୋଗ୍ୟତା ଓ ଆସତ୍ତିର କିପରି ବ୍ୟବହାର କରାଯାଏ, ଉଦାହରଣ ଦେଇ ଚିହ୍ନିତ କର ।**

ବାକ୍ୟ :-

ଆକାଂକ୍ଷା :-

ଯୋଗ୍ୟତା :-

ଆସତ୍ତି :-

**(ଗ) ନିମ୍ନରୁ କେଉଁଟି ସରଳ, ଯୌଗିକ, ଓ ଜଟିଳ ବାକ୍ୟ ଚିହ୍ନିତ କର ।**

(କ) ଛାତ୍ରମାନେ କମ୍ ପଢୁଛନ୍ତି ଓ ବେଶୀ ଗପ କରୁଛନ୍ତି ।

(ଖ) ମୁଁ ଅନୁରୋଧ କଲି; ମାତ୍ର ଅଧ୍ୟକ୍ଷ ପ୍ରତ୍ୟାଖ୍ୟାନ କଲେ ।

(ଗ) ଯେତେବେଳେ ବସନ୍ତ ଆସେ, ବୃକ୍ଷମାନେ ନବ ପଲ୍ଲବରେ ମଣ୍ଡିତ ହୁଅନ୍ତି ।

(ଘ) ବସନ୍ତ ଆସେ ଏବଂ ବୃକ୍ଷମାନେ ନବପଲ୍ଲବରେ ମଣ୍ଡିତ ହୁଅନ୍ତି ।

(ଙ) ମୁଁ ଆଜି ସ୍କୁଲ ଯିବି ନାହିଁ ।

**(ଘ) ବିବୃତି ସୂଚକ ବାକ୍ୟ କାହାକୁ କୁହାଯାଏ, ଉଦାହରଣ ଦେଇ ବୁଝାଅ ।**

ବିବୃତି ସୂଚକ ବାକ୍ୟ କାହାକୁ କୁହାଯାଏ :-

ବିବୃତି ସୂଚକ ବାକ୍ୟ :-

ପ୍ରଶ୍ନସୂଚକ ବାକ୍ୟ କାହାକୁ କୁହାଯାଏ, ଉଦାହରଣ ଦେଇ ବୁଝାଅ ।

ପ୍ରଶ୍ନସୂଚକ ବାକ୍ୟ କାହାକୁ କୁହାଯାଏ :-

ପ୍ରଶ୍ନସୂଚକ ବାକ୍ୟର ଉଦାହରଣ :-

ଆଦେଶ ସୂଚକ ବାକ୍ୟ କାହାକୁ କୁହାଯାଏ ଉଦାହରଣ ଦେଇ ବୁଝାଅ ।

ଉଦାହରଣ :

ବିସ୍ମୟସୂଚକ ବାକ୍ୟ କାହାକୁ କୁହାଯାଏ ଉଦାହରଣ ସହ ବୁଝାଅ ।

ଉଦାହରଣ :

**(ଙ) (i) ବାକ୍ୟରେ ବ୍ୟବହୃତ ବିଭିନ୍ନ ଚିହ୍ନଗୁଡ଼ିକର ନାମଲେଖ ।**

(ii) ସେମାନଙ୍କୁ ବାକ୍ୟରେ ବ୍ୟବହାର କର ।

ପୂର୍ଣ୍ଣଚ୍ଛେଦ :-

ପ୍ରଥମ ଚ୍ଛେଦ :-

ଦ୍ୱିତୀୟ ଚ୍ଛେଦ ବା ସେମିକୋଲନ :-

କୋଲନ : -

ଉଦାହରଣ ବା ଯଥା ଚିହ୍ନ :-

ପ୍ରଶ୍ନବାଚକ ଚିହ୍ନ :-

ବିସ୍ମୟାଦି ସୂଚକ ଚିହ୍ନ :-

ଉଦ୍ଧୃତ ଚିହ୍ନ :-

ବ୍ୟବଧାନ ବା ରେଖା ଚିହ୍ନ :-

ବନ୍ଧନୀ ଚିହ୍ନ :-

## ୧.୬. ସାରାଂଶ

ଏହି ୟୁନିଟ୍‌ରେ ଆମେ ଗୋଟିଏ ସଂପୂର୍ଣ୍ଣ ବାକ୍ୟ ରଚନା ପ୍ରଣାଳୀର ଆବଶ୍ୟକତା ଜ୍ଞାନ ଆହରଣ କଲେ । ଭାବ ପ୍ରକାଶ ନିମିତ୍ତ ବାକ୍ୟଗଠନର ଯେଉଁ ରୂପ ଓ ପ୍ରକାର ରହିଛି ସେ ସଂପର୍କରେ ତୁମକୁ ସହଜ ଜ୍ଞାନ ପ୍ରଦାନ କରାଗଲା । ତୁମକୁ ବିଭିନ୍ନ ଉଦାହରଣ ମାଧ୍ୟମରେ ବାକ୍ୟ ଗଠନ ପ୍ରଣାଳୀ, ବାକ୍ୟରେ ପ୍ରକାର ଭେଦ, ବାକ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଚିହ୍ନ ଏବଂ ଭାବ ବାକ୍ୟର ବିଭିନ୍ନ ଉଦାହରଣ ପ୍ରଦାନ କରାଯାଇଛି । ଏହି ଜ୍ଞାନକୁ ଅଧିକ ବୋଧଗମ୍ୟ କରିବା ନିମିତ୍ତ ନିଜସ୍ୱ ଜ୍ଞାନ ପରୀକ୍ଷଣ ପ୍ରଣାଳୀ ଅବଲମ୍ବନ କରାଯାଇଛି; ଯେଉଁଥିରୁ ବିଦ୍ୟାର୍ଥୀ ନିଜର ଅବବୋଧ ଜ୍ଞାନ ନିଜେ ପରୀକ୍ଷା କରିପାରିବ । ଏହି ଅବବୋଧ ପରୀକ୍ଷଣ ବାରଂବାର କଲେ ଜଣେ ବିଦ୍ୟାର୍ଥୀ ସଫଳ ଭାବରେ ନିଜ ଭାବ ପ୍ରକାଶ ନିମିତ୍ତ ସଫଳ ବାକ୍ୟ ରଚନା କରିପାରିବ । ଜଣେ ସଫଳ ବାକ୍ୟ ରଚନା ପୂର୍ବକ ନିଜସ୍ୱ ଭାବ ପ୍ରକାଶ କରିପାରିଲେ, ନିଜର ସଫଳ ବ୍ୟକ୍ତିତ୍ୱ ନିର୍ମାଣ କରିପାରିବ । ସଫଳ ଲିଖନ ଜୀବନରେ ଅନେକ ସଫଳତା ଆଣିଦିଏ । ଏଣୁ ବିଦ୍ୟାର୍ଥୀମାନେ ନିଜସ୍ୱ ଜ୍ଞାନ ପରୀକ୍ଷଣ ପ୍ରକ୍ରିୟା ମାଧ୍ୟମରେ ଲିଖନ ସଫଳତା ପାଇପାରିବେ ।

## ୧.୭. ସହାୟକ ଗ୍ରନ୍ଥସୂଚୀ


(କ) ସର୍ବସାର ବ୍ୟାକରଣ ।
ଲେଖକ : ପଣ୍ଡିତ ନାରାୟଣ ମହାପାତ୍ର ଓ ଶ୍ରୀ ଶ୍ରୀଧର ଦାସ
ପ୍ରକାଶକ : ନିଉ ଷ୍ଟୁଡ଼େଣ୍ଟସ୍ ଷ୍ଟୋର
ବିନୋଦ ବିହାରୀ, କଟକ

(ଖ) ପ୍ରାୟୋଗିକ ଓଡ଼ିଆ ଭାଷା
ପ୍ରକାଶକ : ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ
ଓ ପ୍ରକାଶକ ସଂସ୍ଥା, ପୁସ୍ତକ ଭବନ,
ଭୁବନେଶ୍ୱର

(ଗ) ସାରସ୍ୱତ ବ୍ୟାବହାରିକ ଓଡ଼ିଆ ବ୍ୟାକରଣ
ଲେଖକ : ଡ଼କ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ
ଶ୍ରୀ ବ୍ରଜକିଶୋର ହୋତା
ଶ୍ରୀ ଭାସ୍କର ପ୍ରଧାନ


## ୧.୮. ସମ୍ଭାବ୍ୟ ପ୍ରଶ୍ନାବଳୀ

(କ) ବାକ୍ୟ କାହାକୁ କୁହାଯାଏ; ଉଦାହରଣ ଦେଇ ବୁଝାଇ ଲେଖ ।

(ଖ) ବାକ୍ୟରେ ଆକାଙ୍‌କ୍ଷା ଯୋଗ୍ୟତା ଓ ଆସତ୍ତିର ଭୂମିକା ସଂପର୍କରେ ଆଲୋଚନା କର ।

(ଗ) ସରଳ, ଯୌଗିକ ଓ ଜଟିଳ ବାକ୍ୟର ଗଠନରୀତି, ବୈଶିଷ୍ଟ୍ୟ ଉଦାହରଣ ମାଧ୍ୟମରେ ଦର୍ଶାଅ ।

(ଘ) କାହାକୁ ଭାବବାଚକ ବାକ୍ୟ କୁହାଯାଏ ?

(ଙ) ଭାବବାଚକ ବାକ୍ୟ କେତେ ପ୍ରକାର, ଉଦାହରଣ ଦେଇ ଦର୍ଶାଅ ।

(ଚ) ବାକ୍ୟରେ ବ୍ୟବହୃତ ହେଉଥିବା ଚିହ୍ନ ଓ ସେହି ଚିହ୍ନ ଗୁଡ଼ିକର ବୈଶିଷ୍ଟ୍ୟ ଉଦାହରଣ ଦେଇ ଆଲୋଚନା କର ।

# ୧.୯ ଉତ୍ତରମାଳା

**୧୪.୧** (କ) ଉଦ୍ଦେଶ୍ୟ - ବଳରାମ

ବିଧେୟ - ସାଇକେଲରେ ସ୍କୁଲ ଯାଉଛି ।

(ଖ) ଉଦ୍ଦେଶ୍ୟ - ମନ୍ଦାକିନୀ

ବିଧେୟ - ଓଡ଼ିଶୀ ନୃତ୍ୟ କରୁଛି ।

**୧.୪.୨ ଆକାଂକ୍ଷା ;**

(କ) ଆକାଶରେ ପକ୍ଷୀଟି ।

(ଖ) ଗୋବିନ୍ଦ ପାଣିରେ ।

ଯୋଗ୍ୟତା ଥିବା ପଦ : ପିଲାଟି ପଢୁଛି ।

ଯୋଗ୍ୟତା ଯୋଡିଲେ ହେବ : ଗାଈଟି ଶୋଇଛି ।

ପବନ ବହୁଛି ।

ପର୍ବତଟି ସୁନ୍ଦର ଦିଶୁଛି ।

**ଆସତ୍ତି :**

(କ) ଯଦୁ ବଜାରକୁ ଯାଇ କାଗଜ, କଲମ ଓ ଖାତା କିଣିଲ ।

(ଖ) ପକ୍ଷୀମାନେ ସନ୍ଧ୍ୟା ହେବାରୁ ବସାକୁ ଫେରିଲେ ।

(ଗ) ଗୋବିନ୍ଦ ଆଜି ସ୍କୁଲ ଯିବ ନାହିଁ ।

**୧.୪.୩ ସରଳବାକ୍ୟ ;**

(କ) ଭାସୁଛି - ପତ୍ରଟି ପାଣିରେ ଭାସୁଛି ।

(ଖ) ଦୌଡୁଛି - ବାଳକଟି ଦୌଡୁଛି ।

(ଗ) ପହଁରୁଛି - ବତକଟି ପାଣିରେ ପହଁରୁଛି ।

(ଘ) ନାଚୁଛି - ମୟୁର ନାଚୁଛି ।

(ଙ) ପଢୁଛି - ସୀମା ପଢୁଛି ।

ଯୌଗିକ ବାକ୍ୟ ;

(କ) ସୀତାଂଶୁ ଗାଉଛି ଓ ନାଚୁଛି ।

(ଖ) ସନ୍ଧ୍ୟା ହେଲା ଏଣୁ ଗୋରୁ ଗାଈମାନେ ଘରକୁ ଫେରିଲେ ।

(ଗ) ଚନ୍ଦ୍ର ଉଦୟ ହେଲା ଏଣୁ ଆକାଶ ସୁନ୍ଦର ଦିଶିଲା ।

(ଘ) ନଈ ବଢ଼ିଲା ତଥାପି ଘର ଭାସିଗଲା ନାହିଁ ।

ଜଟିଳ ବାକ୍ୟ ;

(କ) ମୁଖ୍ୟ ବାକ୍ୟ :- ମୁଁ ହାଟକୁ ଯିବିନାହିଁ ।

ଆଶ୍ରିତ ବାକ୍ୟ :- ଯଦି ବର୍ଷା ହେବ ।

(ଖ) ମୁଖ୍ୟ ବାକ୍ୟ :- ସ୍କୁଲରେ କେହି ନଥିଲେ ।

ଆଶ୍ରିତ ବାକ୍ୟ :- ଗୀତା ଯେତେବେଳେ ସ୍କୁଲରେ ପହଁଞ୍ଚିଲା ।

(ଗ) ମୁଖ୍ୟ ବାକ୍ୟ :- ଭଗବାନ ତାକୁ ଆଶୀର୍ବାଦ କରନ୍ତି ।

ଆଶ୍ରିତ ବାକ୍ୟ :- ଯିଏ ଆଶ୍ରିତକୁ ସାହାଯ୍ୟ କରେ ।

**୧.୪.୪(କ) ବିବୃତି ସୂଚକ ବାକ୍ୟ :-**

(ଖ) ଆଜି ସକାଳ କି ସୁନ୍ଦର ।

(ଗ) ଏ ବର୍ଷ ଅଧିକ ବର୍ଷାହେବ ।

**(ଖ) ଆଦେଶ, ଆଶିଷ ଅଥବା ଅନୁରୋଧ-ମୂଳକ ଚିହ୍ନିତ କର :-**

(କ) ଦୟାକରି ତୁମେ ହାଟକୁ ଯାଅ ନାହିଁ । (ଅନୁରୋଧ ସୂଚକ)

(ଖ) ତୁମ୍ଭେ କ୍ରିକେଟ ଖେଳ ନାହିଁ । (ଆଦେଶ ସୂଚକ)

(ଗ) ମା ତୁମ୍ଭର ମଙ୍ଗଳ କରିବେ । (ଆଶିଷ ସୂଚକ)

(ଘ) ତୁମ୍ଭେ ଯାଅ ଖାଇବ । (ଆଦେଶ ସୂଚକ)

(ଙ) ଗଣ୍ଡଗୋଳ ନକରିଲେ ଭଲ ହୁଅନ୍ତା । (ଅନୁରୋଧ ସୂଚକ)

(ଚ) ଆସ ! ଘରକୁ ଯିବା । (ଆଦେଶ ସୂଚକ)

**(ଗ) ପ୍ରଶ୍ନସୂଚକ**

(କ) ଚାଷୀଟି ଚାଷ କରୁଛି କି ?

(ଖ) ପିଲାଟି ଭଲ ପଢୁ ନାହିଁକି ?

**(ଘ) ବିସ୍ମୟସୂଚକ**

(ଖ) ଖୁବ୍ ଜୋରରେ ବର୍ଷା !

(ଗ) ପ୍ରବଳ ଗରମ !

# ଦ୍ୱିତୀୟ ଏକକ : ଛନ୍ଦ, ବୃତ୍ତ

## ବିଷୟର ଗଠନ :

୨.୧ ପଠନର ଉଦ୍ଦେଶ୍ୟ
୨.୨ ବିଷୟ ପରିଚୟ
୨.୩ ଛନ୍ଦର ବିଭାଗୀକରଣ
୨.୪ ଛନ୍ଦର ବିଶ୍ଳେଷଣ
୨.୫ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ
୨.୬ ସାରାଂଶ
୨.୭ ପଠନ ସୂଚୀ
୨.୮ ସମ୍ଭାବ୍ୟ ପ୍ରଶ୍ନାବଳୀ

# ଦ୍ୱିତୀୟ ଏକକ : ଛନ୍ଦ/ବୃତ୍ତ

## ୨.୧. ପଠନର ଉଦ୍ଦେଶ୍ୟ

ବିଦ୍ୟାର୍ଥୀ ଗଣ ! ପୂର୍ବ ଏକକରେ ଆମେ ଏକ ସଫଳ ବାକ୍ୟ ଗଠନ ସଂପର୍କରେ ଜ୍ଞାନ ଆହରଣ କଲେ । ଆଲୋଚିତ ବାକ୍ୟ ଗଠନ ପ୍ରକ୍ରିୟା ଗଦ୍ୟ ରଚନାର ଏକ ଅଂଶ । ଏହି ଏକକରେ ଆମେ ପଦ୍ୟ ରଚନା ସଂପର୍କରେ ସବିଶେଷ ଜ୍ଞାନ ଆହରଣ କରିବା । ମନର ସୃଜନାତ୍ମକ ଭାବନାକୁ ଉଭୟ ଗଦ୍ୟ ଓ ପଦ୍ୟ ମାଧ୍ୟମରେ ପ୍ରକାଶ କରାଯାଇଥାଏ । ଏହି ଏକକରେ ବିଭିନ୍ନ ରାଗ ରାଗିଣୀଯୁକ୍ତ ପଦାବଳୀ କିପରି ରଚନା କରାଯିବ ସେ ସଂପର୍କରେ ସବିଶେଷ ଜ୍ଞାନ ପ୍ରଦାନ କରାଯିବ । ଏହାଦ୍ୱାରା ଜଣେ ବିଦ୍ୟାର୍ଥୀ ଛନ୍ଦ ଓ ବୃତ୍ତ ରଚନା ତଥା ଗାନ କରିବା ଶୈଳୀ ଆୟତ୍ତ କରିପାରିବ ।

## ୨.୨ ବିଷୟ ପରିଚୟ

ପଦ୍ୟ ରଚନାରେ ବିଭିନ୍ନ ପ୍ରକାର ନିୟମ ରହିଛି ।ପଦ୍ୟ ରଚନାକୁ ସାଧାରଣତଃ ଛନ୍ଦ ବା ବୃତ୍ତ ନାମରେ ନାମିତ ହୋଇଥାଏ । ଅକ୍ଷର ବା ପଦ ବାରଂବାର ବ୍ୟବହୃତ ହୋଇ ଏକ ଛନ୍ଦ ସୃଷ୍ଟିକରେ । ଅକ୍ଷର ଓ ପଦ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା ନିମିତ୍ତ ଅକ୍ଷରମାନଙ୍କ ସଂଖ୍ୟା, ଯତିପାତ, ଅନ୍ତ୍ୟବର୍ଣ୍ଣର ମିଳନ ପ୍ରବୃତ୍ତିକୁ ପଦ୍ୟ ରଚନାରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ବାକ୍ୟ ଗଠନର ଯେପରି ଉଦ୍ଦେଶ୍ୟ ବିଧେୟ, ଆକାଙ୍‌କ୍ଷା,ଯୋଗ୍ୟତା ଓ ଆସତ୍ତିର ଭୂମିକା ରହିଛି; ସେହିପରି ପଦ୍ୟ ରଚନାରେ ଅକ୍ଷରସଂଖ୍ୟା, ଯତିପାତ ଓ ଅନ୍ତ୍ୟବର୍ଣ୍ଣ ମିଳନର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆମେ ଏହି ଏକକରେ ସେ ସଂପର୍କରେ ବିଷଦ ଜ୍ଞାନ ଆହରଣ କରିବା ।

## ୨.୩ ରଚନାଶୈଳୀ

ଏହି ଏକକରେ ପ୍ରାଚୀନ ଓଡ଼ିଆ ଛନ୍ଦ/ବୃତ୍ତ ରଚନାଶୈଳୀ ଓ ଗଠନଗତ ବିଶେଷତ୍ୱ ସଂପର୍କରେ ଆଲେଚନା କରାଯିବ ।ସେହି ଛନ୍ଦଗୁଡ଼ିକ ହେଲା : -

(କ) ବଙ୍ଗଳାଶ୍ରୀ

(ଖ) ରସକୂଲ୍ୟା

(ଗ) ବିଭାସ କେଦାର

(ଘ) ଗୁଜରୀ

(ଙ) ଦାଣ୍ଡି

(ଚ) ଚୋଖୀ

(ଛ) ଆଷାଢ଼ ଶୁକ୍ଳ

## ୨.୪ ଅକ୍ଷର ସଂଖ୍ୟା ଓ ଯତିପାତ

ଛନ୍ଦ ରଚନାର ଗୁରୁତ୍ୱ ପୂର୍ଣ୍ଣ ଦିଗଟି ହେଉଛି ଏହାର ଅକ୍ଷର ସଂଖ୍ୟା ଓ ଯତିପାତ । ଛନ୍ଦର ମୁଖ୍ୟ ଧର୍ମ ଏହାର ଗାନଧର୍ମିତା । ଗାନ କରିବା ସମୟରେ ସ୍ୱର ସୃଷ୍ଟି ନିମିତ୍ତ ଲୟାନୁଯାୟୀ ଯତିପାତ ହୋଇଥାଏ । ଛନ୍ଦ ଗୁଡ଼ିକୁ ଅନୁଧ୍ୟାନ କଲେ ଜଣାଯାଏ, ଏଥିରେ କେତେଗୁଡ଼ିଏ ପଦ ରହିଥାଏ ଓ ଏହି ପଦଗୁଡ଼ିକ ଏକାଧିକ ପାଦର ମିଳରେ ଗଠିତ ହୋଇଥାଏ । ଏହି ରଚନାଶୈଳୀ ଏକ ନିର୍ଦ୍ଦିଷ୍ଟ ରୀତିରେ ହୋଇଥାଏ । ରୀତିବଦ୍ଧ ପଦ୍ୟରଚନାକୁ ଛନ୍ଦ ନାମରେ ଅଭିହିତ କରାଯାଏ ।

ଛନ୍ଦ ଦୁଇଭାଗରେ ବିଭକ୍ତ, ଯଥା :- (କ) ମିତ୍ରାକ୍ଷରଛନ୍ଦ । (ଖ) ଅମିତ୍ରାକ୍ଷର ଛନ୍ଦ ।

**(କ) ମିତ୍ରାକ୍ଷର ଛନ୍ଦ ;** ସାଧାରଣତଃ ଯେଉଁ ପଦ୍ୟ ବା କବିତାରେ ପ୍ରାନ୍ତମିଳନ ଘଟିଥାଏ, ତାହାକୁ ମିତ୍ରାକ୍ଷର ଛନ୍ଦ କୁହାଯାଏ । ଏହି ମିତ୍ରାକ୍ଷର ଛନ୍ଦକୁ ପୁଣି ପୂର୍ଣ୍ଣ ମିତ୍ରାକ୍ଷର, ଅପୂର୍ଣ୍ଣ ମିତ୍ରାକ୍ଷର ଓ ଏକାନ୍ତର ମିତ୍ରାକ୍ଷର ଭାବରେ ତିନି ଭାଗରେ ବିଭକ୍ତ କରାଯାଏ ।

**ପୂର୍ଣ୍ଣ ମିତ୍ରାକ୍ଷର ଛନ୍ଦ -** ଉତ୍କଳ-କମଳା-ବିଳାସ-ଦୀର୍ଘିକା (ଇକା)
ମରାଳ ମାଳିନୀ ନିଳାମ୍ବୁ ଚିଲିକା ।(ଇକା)

ପୂର୍ବବର୍ତ୍ତୀ ସ୍ୱରରେ

ଉପରୋକ୍ତ ପାଦର ଶେଷ ଅକ୍ଷର ସହିତ ପୂର୍ଣ୍ଣ ମିଳନ ଘଟିଥିବାରୁ, ଏହା ପୂର୍ଣ୍ଣ ମିତ୍ରାକ୍ଷର ଛନ୍ଦ ।

**ଅପୂର୍ଣ୍ଣ ମିତ୍ରାକ୍ଷର ଛନ୍ଦ :-** ମାଆ ମାଆ ବୋଲି କେତେ ମୁଁ ଖୋଜିଲି
ମାଆକୁ ପାଇଲି ନାହିଁ (ହି)
ଭାଇ ଭାଇ ବୋଲି କେତେ ମୁଁ ଡ଼ାକିଲି
ନଦେଲେ ଉତ୍ତର କେହି (ହି)

ଅପୂର୍ଣ୍ଣ ମିତ୍ରାକ୍ଷର ଛନ୍ଦରେ କେବଳ ଶେଷ ଅକ୍ଷରର ମେଳ ରହିଥାଏ । ଉପରୋକ୍ତ ପଦ୍ୟଟିରେ "ହି" ମାଧମରେ ଅର୍ନ୍ତମେଳ ଘଟିଛି । ଏଣୁ ଏହା ଅପୂର୍ଣ୍ଣ ମିତ୍ରାକ୍ଷର ଛନ୍ଦରେ ରଚିତ ।

**ଏକାନ୍ତର ମିତ୍ରାକ୍ଷର ଛନ୍ଦ :-** ହେ ପଣ୍ଡିତ କ୍ଷୁଦ୍ର ତବ ବୁଦ୍ଧି ମାନଦଣ୍ଡେ
ବିଚାରୁଛ ମାପିବ ହେ ଅନନ୍ତ ଅପାରେ ।
ତୀକ୍ଷ୍ଣ ତର୍କ କ୍ଷୁରଧାରେ ଖଣ୍ଡିଣ ଅଖଣ୍ଡେ
ମାତିବ ହେ ଜୟୋଲ୍ଲାସେ ବୌଦ୍ଧ ଅହଂକାରେ ।

ଯେଉଁ ପଦ୍ୟରେ ପ୍ରଥମ ପାଦର ଅନ୍ତବର୍ଣ୍ଣ ଓ ଉପାନ୍ତ ସ୍ୱର ସଙ୍ଗେ ତୃତୀୟପଦର ଏବଂ ଦ୍ୱିତୀୟ ପାଦର ଅନ୍ତବର୍ଣ୍ଣ ଓ ଉପାନ୍ତ ସ୍ୱର ଚତୁର୍ଥ ପାଦର ମିଳନ ଥାଏ, ତାହାକୁ ଏକାନ୍ତର ମିତ୍ରାକ୍ଷର ଛନ୍ଦ କୁହାଯାଏ ।

ଉପରୋକ୍ତ ପଦ୍ୟଟିରେ ପ୍ରଥମ ପାଦର ଉପାନ୍ତ ବର୍ଣ୍ଣ ଓ ଉପାନ୍ତ ସ୍ୱର ଏ ତୃତୀୟ ପାଦରେ ମିଳନ ହୋଇଥିବା । ଦର ଉପାନ୍ତ ବର୍ଣ୍ଣର ଓ ଉପାନ୍ତ ସ୍ୱର ଏ ଚତୁର୍ଥ ପାଦରେ ମିଳିତ ହୋଇଥିବାରୁ ଏକାନ୍ତର ମିତ୍ରାକ୍ଷର ଛନ୍ଦ ହୋଇଛି ।

**ତୁମପାଇଁ କାମ :-**

(କ) ଛନ୍ଦ କାହାକୁ କୁହାଯାଏ, ବୁଝାଇ ଲେଖ ।

(ଖ) ଛନ୍ଦ କେତେପ୍ରକାର ଓ ସେଗୁଡ଼ିକର ବିଶେଷତ୍ୱ ଲେଖ ।

(ଖ) ଅମିତ୍ରାକ୍ଷର ଛନ୍ଦ ।

ଅମିତ୍ରାକ୍ଷର ଛନ୍ଦରେ କୌଣସି ଅନ୍ତ୍ୟମେଳ ନଥାଏ । ଅନ୍ୟାନ୍ୟ ଛନ୍ଦରେ କେତୋଟି ପାଦର ସମ୍ମିଶ୍ରଣରେ ଏକ ପଦ ସୃଷ୍ଟି ହେଉଥିବା ସମୟରେ ଅମିତ୍ରାକ୍ଷର ଛନ୍ଦରେ ସେପରି ନିର୍ଦ୍ଦିଷ୍ଟ ନିୟମ କିଛି ନଥାଏ । ଏହାକୁ ମୁକ୍ତ ଛନ୍ଦ ମଧ କୁହାଯାଏ ।

ଯଥା :-

ହା ଦେବ ! ଜମ୍ବୁକ ପଶି ହର୍ଯ୍ୟକ୍ଷ ଗୁହାରେ
ଗୋଇଠା ପ୍ରହାରି, ନେବ ତା ମୁଖୁ ଓଟାରି
ଗ୍ରାସ ତାର, ହର୍ଯ୍ୟକ୍ଷ ତା ସହିବ ମଉନେ !
ଏ ଲାଞ୍ଛନା ଥିଲା ଟିକି ଆର୍ଯ୍ୟର ଲଲାଟେ !

(ମହାଯାତ୍ରା-ରାଧାନାଥ ରାୟ)

ଉପରୋକ୍ତ କବିତାଟିରେ ଅନ୍ତ୍ୟମେଳ ନଥିବା ସହ ପାଦର ବିଭାଜନ ମଧ ନାହିଁ । ଏଣୁ ଏହା ଅମିତ୍ରାକ୍ଷର ଛନ୍ଦରେ ରଚିତ ହୋଇଛି।

# ୨.୪.୧ ଗଠନରୀତି

ଏବେ ଆମେ ଓଡ଼ିଆ ଭାଷାରେ ପ୍ରଚଳିତ ବିଭିନ୍ନ **ଛାନ୍ଦ ମାନଙ୍କ ଗଠନରୀତି** ସଂପର୍କରେ ଜାଣିବା ।

**(କ) ବଙ୍ଗଳାଶ୍ରୀ ;-**

ବଙ୍ଗଳାଶ୍ରୀ ଛନ୍ଦରେ ଦୁଇ ପାଦରେ ଏକ ପଦ ହୁଏ । ପ୍ରତ୍ୟେକଟି ପାଦରେ କୋଡ଼ିଏଟି ଅକ୍ଷର ଥାଏ । ପ୍ରତ୍ୟେକ ପାଦର ଷଷ୍ଠ, ଦ୍ୱାଦଶ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ ।

ଯଥା :- କେହି ରହିନାହିଁ' ରହିବ ନାହିଁଟି'
ଭବ ରଙ୍ଗଭୂମି ତଳେ'
ସର୍ବେ ନିଜେ ନିଜ' ଅଭିନୟ ସାରି'
ବାହୁଡ଼ିବେ କାଳବଳେ ।'

(ପାର୍ବତୀ)

ଏହି ପଦଟିର ପ୍ରତ୍ୟେକ ପାଦର ଷଷ୍ଠ (ହିଁ) (ଜ) ଦ୍ୱାଦଶ (ଟି) (ଳେ) ଓ ଶେଷ (ଳେ) (ଳେ)ରେ ଯତିପାତ ହୋଇଛି ।

**(ଖ) ରସକୂଲ୍ୟା ।**

ରସକୂଲ୍ୟା ଛନ୍ଦରେ ପ୍ରତ୍ୟେକ ପଦରେ ଛଅଟି ପାଦ ଥାଏ । ୧ମ, ୨ୟ, ୩ୟ, ଓ ୪ର୍ଥ ପାଦରେ ୧୧ଟି ଲେଖାଏଁ ଅକ୍ଷର ଥାଏ। ଏହି ପାଦ ଗୁଡ଼ିକର ଷଷ୍ଠ ଓ ଶେଷ ଅକ୍ଷରରେ ଯତିପାଦ ହୁଏ । ପଞ୍ଚମ ପାଦ ଆଠ ଅକ୍ଷର ବିଶିଷ୍ଟ ଓ ଏହି ପାଦର ଷଷ୍ଠ ଏବଂ ଅଷ୍ଟମ ଅକ୍ଷର ଉପରେ ଯତିପାତ ହୁଏ । ଷଷ୍ଠ ପାଦରେ ୨୦ଟି ଅକ୍ଷର ଥାଏ ଓ ଏହାର ଷଷ୍ଠ ଦ୍ୱାଦଶ, ଅଷ୍ଟାଦଶ ଏବଂ ଶେଷ ଅକ୍ଷରରେ ଯତିପାତ ହୁଏ । ଗାନ ସମୟରେ ପଞ୍ଚମ ଓ ଶେଷ ପାଦ ଶେଷରେ 'ଯେ' ହୋଏ ପ୍ରଭୃତି ଯୋଗ କରାଯାଏ ।

ଯଥା :- ବିଭୂଷଣ ପୁଷ୍ପେ' ଯା କାନ୍ତି ଜାଣ'
ବିଭୂଷଣ କରି କନ୍ୟାକୁ ଆଣ'
ବାରଣ ଶିରେ' ପାଦ ଦେଇ ଆସୁ'
ବରଗ କରି ରା'ମ ମନ ତୋଷୁ'

ବୋଲି ଦେଲେ କଉ'ଶିକ' ଯେ'
ବୋଲି ଦେଲା ପ୍ରାୟେ' ଗୋଳି ଚନ୍ଦନକୁ'
ହୋଇଲେ ରଘୁବଂ'ଶିକ ଯେ ।
(ବୈଦେହିଶ ବିଳାସ)

**(ଗ) ବିଭାସ କେଦାର**

ଏହାର ଦୁଇ ପାଦରେ ଗୋଟିଏ ପଦ ହୁଏ । ପ୍ରତ୍ୟେକ ପାଦରେ ଦ୍ୱାଦଶ ଅକ୍ଷର ଥାଏ । ପ୍ରତ୍ୟେକ ପାଦର ଷଷ୍ଠ ଓ ଦ୍ୱାଦଶ ଅକ୍ଷର ଉପରେ ଯତିପାତ ହୁଏ ।

ଯଥା :-

ଭୁଭଙ୍ଗିରେ ଯାଙ୍କ' କମ୍ପିଲା ଭୂତଳ'
ମକ୍ଷି ତଡ଼ିବାକୁ' ଏବେ ନାହିଁ ବେଳ' ।

**(ଘ) ଗୁଜ୍ଜରୀ**

ଏହାକୁ ନବାକ୍ଷରୀବୃତ୍ତ ଓ ଭାଗବତବାଣୀ ମଧ୍ୟ କୁହାଯାଏ । ଏହାର ଦୁଇପଦରେ ଗୋଟିଏ ପଦ ହୁଏ ଓ ପ୍ରତି ପାଦର ଅକ୍ଷର ସଂଖ୍ୟା ନଅ । ପ୍ରତି ପାଦରେ ତୃତୀୟ, ପଞ୍ଚମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ ।

ଯଥା :- ନମଇଁ ନୃସିଂହ ଚରଣ'
ଅନାଦି' ପର'ମ କାରଣ । (ଭାଗବତ)

(ଙ) ଦାଣ୍ଡି

ଏହାର ଦୁଇପାଦରେ ଗୋଟିଏ ପଦ ହୁଏ । ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା ନିର୍ଦ୍ଦିଷ୍ଟ ନୁହେଁ । ଗାୟକ ଗାନ ସମୟରେ ନିଜ ଗାନଶୈଳୀ ଅନୁଯାୟୀ ଯତିପାତ କରିଥାନ୍ତି । ଏହି ଛନ୍ଦରେ ଗାୟନର ସର୍ଜନାତ୍ମକ ସାଧୀନତା ରହିଛି । ସାରଳାଦାସଙ୍କ ମହାଭାରତ ଓ ବଳରାମ ଦାସଙ୍କ ଦାଣ୍ଡିରାମାୟଣ ଏହି ବୃତ୍ତରେ ରଚିତ ହୋଇଛି ।

ଯଥା :- ଜୟତୁ ଦଧିମଙ୍ଗଳ ବିଘ୍ନରାଜ
ଯାହାର ପ୍ରସନେ ସିଧି ହୁଅଇ ସର୍ବ କାର୍ଯ୍ୟ ।୧।
ଜୟତୁ ବିଘ୍ନ ନାଶନ ମଙ୍ଗଳ ଗଜାନନ
ମଙ୍ଗଳ ଯୋଗେଶ୍ୱର ପାର୍ବତୀ ନନ୍ଦନ ।୨।

**(ଚ) ଚୋଖି**

ଏହାର ପ୍ରତ୍ୟେକ ପଦରେ ଚାରିପାଦ ଥାଏ । ପ୍ରଥମ ତ ଦ୍ୱିତୀୟ ପାଦ ୨୯ ଅକ୍ଷର ବିଶିଷ୍ଟ ହୋଇଥିବା ସମୟରେ ତୃତୀୟ ପାଦଟି ୯ ଓ ଚତର୍ଥ ପାଦଟି ୧୩ ଅକ୍ଷର ବିଶିଷ୍ଟ ହୋଇଥାଏ । ପ୍ରଥମ ଓ ଦ୍ୱିତୀୟ ପାଦର ୬ଷ୍ଠ, ୮ମ, ୧୪ଶ, ୧୬ଶ, ୨୦ଶ, ୨୪ଶ ଏବଂ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ତୃତୀୟ ପାଦରେ ୬ଷ୍ଠ ଏବଂ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ଚତୁର୍ଥ ପାଦର ୬ଷ୍ଠ, ୮ମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ ।

ଯଥା :-

ମଙ୍ଗଳେ ଅଇଲା' ଉଷା' ବିକଚ ରାଜୀବ' ଦୃଶା'
ଜାନକୀ ଦର୍ଶନ' ତୃଷା' ହୃଦୟେ ବହି'
କର ପଲ୍ଲବେ ନୀ'ହାର'- ମୁକ୍ତାଧରି ଉପ'ହାର'
ସତୀଙ୍କ ବାସ ବା'ହର' ପ୍ରାଙ୍ଗଣେ ରହି'
କଳକଣ୍ଠ କଣ୍ଠେ' କହିଲା'
ଦରଶନ ଦିଅ' ସତୀ' ରାତି ପାହିଲା' । (ତପସ୍ୱିନୀ)

ଉପରୋକ୍ତ ପଦ୍ୟାଶଂଟିରେ “ମଙ୍ଗଳେ...................ଠାରୁ ହୃଦୟେ ବହି” ପ୍ରଥମ ପାଦ ହୋଇଥିବା ସମୟରେ “କର ପଲ୍ଲବେ..........ଠାରୁ ପ୍ରାଙ୍ଗଣେ ରହି” ଦ୍ୱିତୀୟ ପାଦ ଅଟେ ଏବଂ ଏହି ପ୍ରତ୍ୟେକ ପାଦର ସଂଖ୍ୟା ୨୯ ଅକ୍ଷର ସଂଖ୍ୟା ୯ ଏବଂ ଚତୁର୍ଥ ପାଦର ଅକ୍ଷର ସଂଖ୍ୟା ୧୩ ଅଟେ ।

(ଛ) ଆଷାଢ଼ ଶୁକ୍ଳ

ଏହାର ପ୍ରତ୍ୟେକ ପଦରେ ଛଅଟି ପାଦ ଥାଏ । ପ୍ରଥମ, ଦ୍ୱିତୀୟ, ତୃତୀୟ,ଚତୁର୍ଥ ଓ ଷଷ୍ଠ ପାଦଟି ଏଗାର ଅକ୍ଷର ବିଶିଷ୍ଟ । ପଞ୍ଚମ ପାଦଟି ଛଅ ଅକ୍ଷର ବିଶିଷ୍ଟ । ପଞ୍ଚମ ପାଦର ଶେଷ ଅକ୍ଷର ଉପରେ କେବଳ ଯତିପାତ ହୋଇଥିବା ସମୟରେ ଅନ୍ୟ ପାଦଗୁଡ଼ିକର ଷଷ୍ଠ ଓ ଶେଷ ଅକ୍ଷର ଉପରେ ଯତିପାତ ହୋଇଥାଏ ।

ଯଥା :-

ବରଜୀ ବରସେ’ ଦେଇ ମାନସ’
ବରଜି ବରଷେ’ ଅମେଧ ଗ୍ରାସ’
ଦେହେ ମନ୍ଦାକିନୀ’ ରଜ ଲଗାଇ’
ଗ୍ରାମ ଶୂକରୀ କି’ ହୋଇବ ଗାଈ’
ଜଗତେ କେବଳ’
ଜନେ ହସିବେ ଏ’ହି ତହୁଏ ଫଳ’ ।
(ଜଗତେ କେବଳ-କବିସୂର୍ଯ୍ୟ ବଳଦେବ ରଥ)

## ୨.୫. ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ

(କ) ଛନ୍ଦ କାହାକୁ କୁହାଯାଏ ଲେଖ ।

(ଖ) ଛନ୍ଦ କେତେ ପ୍ରକାର ଓ ଏହି ଛନ୍ଦ ଗୁଡ଼ିକର ବିଶେଷତ୍ୱ ନିରୂପଣ କର ।

(ଗ) ଅମିତ୍ରାକ୍ଷର ଛନ୍ଦ କାହାକୁ କୁହାଯାଏ, ଉଦାହରଣ ଦର୍ଶାଅ ।

(ଙ) ନିମ୍ନଲିଖିତ ପଦ୍ୟଟି କେଉଁ ଛାନ୍ଦ ବିଶିଷ୍ଟ ଅଟେ ଦର୍ଶାଅ । ଏଥିରେ କେଉଁ କେଉଁ ଅକ୍ଷରରେ ଯତିପାତ ହୋଇଛି, ଲେଖ ।

“କାଳଚକ୍ରର’ ଆବର୍ତ୍ତନେ ଭୁଞ୍ଜନ୍ତି ସୁଖ’ ଦୁଃଖ ଜନେ ।
ସୁଖ ବା ଦୁଃଖ’ ଆସୁ ଯାହା, ବହିବ ଧୀରେ’ ଚିତ୍ତେତାହା ।

ଛାନ୍ଦଟିର ନାମ :-

ଯତିପାତ :-

ପାଦସଂଖ୍ୟା ଅକ୍ଷର ସଂଖ୍ୟା :-

(ଚ) ନିମ୍ନଲିଖିତ ଚୋଖି ଛାନ୍ଦର ପଦ୍ୟଟିରେ ଯତିପାତ କର ।

ତୁହି ମା ଜନମ ଭୂମି ପବିତ୍ର ଭାରତ ଭୂମି
ତୋହର ସନ୍ତାନ ଆମ୍ଭେ ଅଟୁଁ ସରବେ
ତୋର ଶ୍ରୀ ଚରଣ ସେବା ପାଇଁ ମନ ପ୍ରାଣ ଦେବା
ଗାଇବା ତୋହର ନାମ ଆନନ୍ଦରବେ
ତୋ ଆନନ୍ଦେ ହୋଇବା ସୁଖୀ
କାନ୍ଦିବା ଦୁଃଖରେ ତୋର ହୋଇଣ ଦୁଃଖୀ ।

ଯତିପାତ ହୋଇଥିବା ନିୟମ ଓ ପାଦସଂଖ୍ୟା ଓ ଅକ୍ଷରସଂଖ୍ୟା ଲେଖ ।

ପ୍ରଥମ ପାଦ :-

ଦ୍ୱିତୀୟ ପାଦ :-

ତୃତୀୟ ପାଦ :-

ଚତୁର୍ଥ ପାଦ :-

(ଛ) ଚୋଖି ଛନ୍ଦର ପ୍ରତ୍ୟେକ ପଦରେ କେତୋଟି ପାଦ ଥାଏ ? ପାଦଗୁଡ଼ିକର ଅକ୍ଷର ସଂଖ୍ୟା କେତେ ଲେଖ ।

(ଜ) ନିମ୍ନ ଲିଖିତ ପଦଟି କେଉଁ ଛନ୍ଦର ରଚିତ ଉଲ୍ଲେଖ କରି ଏହାର ପାଦ ସଂଖ୍ୟା ଓ ଯତିପାତର ନିୟମ ଲେଖ ।

(କ) "ନିରବନ୍ତେ ରାମ ଦେବ ବିମାନ,
ଇଚ୍ଛା ଜାଣି ଶୂନ୍ୟେ ଉଲ୍‌କା ସମାନ,
ତାରାପଥୁଁ ଖସେ ଅବନୀତଳ,
ଅନମ୍ବର ଦେଶ ଦିଶେ ଉଜ୍ଜ୍ୱଳ ସେ
ଅନଇଲେ ବିସ୍ମୟରେ ଯେ
ଆନନ୍ଦେ ମଗନ ଅଯୋଧ୍ୟାନିବାସୀ ଭରତଙ୍କ ଅନୁଚର ଯେ ।

ଛାନ୍ଦର ନାମ :-

ପାଦ ଓ ଅକ୍ଷର ସଂଖ୍ୟା :-

ଯତିପାତ ନିୟମାବଳୀ :-

(ଖ) ରସିକମାନେ ଶୁଣ ଦେଇ ମନ
ରମଣୀମଣି ଦିନୁଦିନୁ କ୍ଷୀଣ
ରତିପତି ଛାଡି କରତିବାରେ
ରସ ହାସ    ସବେଶ ବାସରେ
    ରହିତ ଆଦର
ରସଳସା ସାରେ ନିଶିବାସରେ ।

ଛନ୍ଦର ନାମ :-

ଅକ୍ଷର ଓ ପାଦ ସଂଖ୍ୟା :-

ଯତିପାତ ନିୟମ :-

(ଗ) ବିତଳକୁ ଆଲିଙ୍ଗନ    କରି ଜାହ୍ନବୀ ଶୋଭନ
    ହରେ ସୁରବରତାପ ଚାରୁଧାରା ସେ
ବହେ ମକର କେତନ    ଉଚ୍ଛନ୍ନ ରତି ସମାନ
    ପୁରିତ ହୋଇଛି ପୁଣି ଅଶେଷ ରସେ,
        ବିଦ୍ୟ ହୈମବତୀ ପଦରେ,
    ବିଷକଣ୍ଠ ତୋଷଦାନୀ ବେନି ମତରେ ।

ଛନ୍ଦରେ ନାମ :-

ଅକ୍ଷର ଓ ପାଦ ସଂଖ୍ୟା :-

ଯତିପାତ ନିୟମ :-

(ଘ) ବହୁ ଗୁଣାକର    ଉତ୍କଳ ଭାସ୍କର
    ପ୍ରତାପୀ ନୃପପୁଙ୍ଗବ
ହେ ପ୍ରତାପରୁଦ୍ର    ବଢ଼ାଇଛ କ୍ଷୁଦ୍ର
    -ଜାତିର ଗୁଣ ଗୌରବ ।

ଛନ୍ଦର ନାମ :-

ଅକ୍ଷର ଓ ପାଦ ସଂଖ୍ୟା :-

ଯତିପାତ ନିୟମ :-

(ଟ) ଏବେ ନିଜ ମନରୁ ପଠିତ ଯେ କୌଣସି ଦୁଇଟି ଛନ୍ଦ ରଚନା କରି ତାହାର ପାଦ ସଂଖ୍ୟା ଓ ଅକ୍ଷର ସଂଖ୍ୟା ସହ ଯତିପାତର ନିୟମ ଲେଖ ।

(କ)

(ଖ)

## ୨.୬ ସାରାଂଶ

ଏହି ପାଠରେ ଆମ୍ଭେ ଓଡ଼ିଆ ବାକ୍ୟ ସାହିତ୍ୟ ତଥା ଓଡ଼ିଆ ଭାଷାରେ ବ୍ୟବହୃତ ବିଭିନ୍ନ ଛନ୍ଦ ସଂପର୍କରେ ଜ୍ଞାନ ଆହରଣ କଲେ । ଏହାଦ୍ୱାରା ବିଦ୍ୟାର୍ଥୀମାନେ ପ୍ରାଚୀନ କାବ୍ୟ ଅଧ୍ୟୟନ କରିବାରେ ସଫଳ ହୋଇପାରିବେ । ସଙ୍ଗୀତ ପ୍ରିୟ ବିଦ୍ୟାର୍ଥୀମାନେ ଏହି ରାଗ ରାଗିଣୀଯୁକ୍ତ ସଙ୍ଗୀତଗାନ କରି ନିଜର, ପରିବାର ତଥା ଆତ୍ମୀୟସ୍ୱଜନଙ୍କୁ ଆନନ୍ଦ ପ୍ରଦାନ କରିପାରିବେ । ଏହି ରାଗରାଗିଣୀ ଓଡ଼ିଶାର ଜନମାନସରେ ଅଧିକ ପ୍ରିୟ । ପାଲା ଓ ଦାସକାଠିଆ ଗାୟକମାନେ ତାଙ୍କ ଗାୟନରେ ଏହାକୁ ବ୍ୟବହାର କରନ୍ତି । ସଙ୍ଗୀତଗାନରେ ରଚି ରଖୁଥିବା ବିଦ୍ୟାର୍ଥୀ ଏହି ସଙ୍ଗୀତଗାନ ଶିକ୍ଷା କରି ଜଣେ ସଫଳ ପାଲାଗାୟକ ବା ଦାସକାଠିଆ ଗାୟକ ହୋଇ ନିଜର ବୃତ୍ତିଗତ ଜୀବନ ଯାପନ କରିପାରିବେ । ଏଥିନିମିତ୍ତ ଏହି ବିଶ୍ୱବିଦ୍ୟାଳୟରେ ଇଣ୍ଟରନେଟ୍ ରେଡ଼ିଓ 'ପ୍ରଜ୍ଞାବାଣୀ' ଦ୍ୱାରା ଏହି ଛନ୍ଦ ଗୁଡ଼ିକ ଗାନ କରାଯିବାର ଶୈଳୀ ମଧ୍ୟ ବିଦ୍ୟାର୍ଥୀମାନଙ୍କୁ ଉପଲବ୍ଧ କରାଯାଇଛି । ସେମାନେ www, OSOU.in କୁ ଯାଇ ଇଣ୍ଟରନେଟ୍ ରେଡ଼ିଓ ମାଧମରେ ମଧ୍ୟ ଗାନଶୈଳୀ ଶିକ୍ଷା କରିପାରିବେ ।

ବିଦ୍ୟାର୍ଥୀଙ୍କ ଅଧ୍ୟୟନ ନିମିତ୍ତ ଏହି ପାଠରେ କେତୋଟି ମାତ୍ର ଛନ୍ଦ ଅଧ୍ୟୟନ କରିବାକୁ ଦିଆଯାଇଛି । ଏହାବ୍ୟତୀତ ଆହୁରି ଅନେକ ଛନ୍ଦ ଓଡ଼ିଆ ସାହିତ୍ୟ ତଥା ଜନଜୀବନରେ ପ୍ରଚଳିତ ଅଛି । ପଠନ ସୂଚୀରେ ଯେଉଁ ପୁସ୍ତକ ଗୁଡ଼ିକର ନାମ ଉଲ୍ଲେଖ ଅଛି; ସେଗୁଡ଼ିକ ଅଧ୍ୟୟନ କଲେ ସମସ୍ତ ଛନ୍ଦ ଓ ବୃତ୍ତ ସଂପର୍କରେ ସବିଶେଷ ଜ୍ଞାନ ଆହରଣ ହୋଇପାରିବ ।

## ୨.୭ ସହାୟକ ଗ୍ରନ୍ଥସୂଚୀ

(କ) ଆଧୁନିକ ଓଡ଼ିଆ ବ୍ୟାକରଣ; ଧନେଶ୍ୱର ମହାପାତ୍ର, କିତାବ ମହଲ, କଲେଜ ସ୍କୋୟାର୍, କଟକ - ୩ ।

(ଖ) ଅଳଙ୍କାର ତରଙ୍ଗିଣୀ;
ପଣ୍ଡିତ କୁଳମଣି ଦାଶ, କଟକ ପବ୍ଲିଶିଂ ହାଉସ, ବାଲୁବଜାର, କଟକ - ୨ ।

(ଗ) ସାରସ୍ୱତ ବ୍ୟାବହାରିକ ଓଡ଼ିଆ ବ୍ୟାକରଣ;
ଡ଼କ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ, ଶ୍ରୀ ବ୍ରଜକିଶୋର ହୋତା, ଶ୍ରୀ ଭାସ୍କର ପ୍ରଧାନ, ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ - ୨ ।

## ୨.୮ ସମ୍ଭାବ୍ୟ ପ୍ରଶ୍ନାବଳୀ

(କ) ଛନ୍ଦ କାହାକୁ କୁହାଯାଏ, ଏହା କେତେ ପ୍ରକାର ଉଦାହରଣ ସହ ଦର୍ଶାଅ ।

(ଖ) ନିମ୍ନଲିଖିତ ଛନ୍ଦମାନଙ୍କର ବୈଶିଷ୍ଟ୍ୟ ନିରୂପଣ କର ।

ରସକୁଲ୍ୟା, ଗୁଜ୍ଜରୀ, ବିଭାସକେଦାର ଓ ଚୋଖି ।

(ଗ) ନିଜ ମନରୁ ରସକୁଲ୍ୟା ଛନ୍ଦଟିଏ ରଚନା କର ।

(ଘ) ଆଷାଢ଼ଶୁକ୍ଳ ଛନ୍ଦରେ କେତୋଟି ପାଦରେ ଏକ ପଦ ହୁଏ ଓ ଏହାର କେଉଁ ପାଦର କେଉଁ ଅକ୍ଷର ଉପରେ ଯତିପାତ ହୁଏ ଲେଖ ।

# ତୃତୀୟ ଏକକ : ପ୍ରାଚୀନ କବିତାର ପ୍ରାରୂପ

## ବିଷୟର ଗଠନ :


୩.୧ ପଠନର ଉଦ୍ଦେଶ୍ୟ

୩.୨ ବିଷୟ ପରିଚୟ

୩.୩ ରଚନା ଶୈଳୀ

୩.୪ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ

୩.୫ ସାରାଂଶ

୩.୬ ସହାୟକ ପ୍ରଶ୍ନସୂଚୀ

୩.୭ ସମ୍ଭାବ୍ୟ ପ୍ରଶ୍ନାବଳୀ


## ୩.୧ ପଠନର ଉଦ୍ଦେଶ୍ୟ

ପୂର୍ବ ପାଠରେ ଆମେ ପ୍ରାଚୀନ ଛନ୍ଦ ବା ବୃତ୍ତ ସଂପର୍କରେ ଜ୍ଞାନ ଆହରଣ କଲେ । ଏହି ଛନ୍ଦ ରଚନାରେ ପାଦ, ଅକ୍ଷର ଓ ଯତିପାତ ଉପରେ ଗୁରୁତ୍ୱ ପ୍ରଦାନ କରାଯାଏ । ତେବେ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏହି ଛନ୍ଦ ବା ବୃତ୍ତ ବିଶେଷ ଭାବରେ କାବ୍ୟ ରଚନାରେ ପ୍ରୟୋଗ କରାଯାଉଥିଲା । ଏହି ଛନ୍ଦ ବା ବୃତ୍ତ ବ୍ୟତୀତ ଆହୁରି ଅନେକ ପଦ୍ୟ ସାହିତ୍ୟ ରଚନା ପଦ୍ଧତି ଅନୁସୃତ ହେଉଥିଲା । ଛୋଟ କବିତା ଗୁଡ଼ିକର ଗଠନ ବୈଶିଷ୍ଟ୍ୟ ଅନୁଯାୟୀ ଏମାନଙ୍କୁ ବିଭିନ୍ନ ପ୍ରକାର ନାମରେ ଚିହ୍ନିତ କରାଯାଇଛି । ଏହି ପାଠରେ ସେହି ପ୍ରାଚୀନ କବିତାର ରୂପ ବା ଗଠନଶୈଳୀ ସଂପର୍କରେ ଜ୍ଞାନ ଆହରଣ କରିବା ।

## ୩.୨ ବିଷୟ ପରିଚୟ

ଓଡ଼ିଆ ଭାଷା ଓ ସାହିତ୍ୟର ପରଂପରା ବହୁ ପ୍ରାଚୀନ । ଅନ୍ୟ ପୂର୍ବ ଭାରତୀୟ ଭାଷା ସମୂହ ମଧ୍ୟରେ ଓଡ଼ିଆ ଭାଷା ସର୍ବ ପୁରାତନ । ଓଡ଼ିଆ ଭାଷାର ବହୁ ବର୍ଷ ପରେ ବଙ୍ଗଳା ଅହମିୟା ଓ ଅନ୍ୟ ପୂର୍ବ ଭାରତୀୟ ଭାଷା ଗୁଡ଼ିକର ସୃଷ୍ଟି । ଏଣୁ ଆମ ଭାଷାରେ ବହୁ ପ୍ରାଚୀନ କାଳରୁ ବିଭିନ୍ନ ରଚନାଶୈଳୀ ପରଂପରାକ୍ରମେ ଅନୁସୃତ ହୋଇ ଆସୁଛି । ଓଡ଼ିଶାର ସାମାଜିକ ଓ ଧର୍ମୀୟ ଜୀବନରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ସର୍ବଶ୍ରେଷ୍ଠ ଦେବତା । ସେ ନାରାୟଣ ରୂପେ ପ୍ରତିଷ୍ଠିତ । ତାଙ୍କୁ କେନ୍ଦ୍ରକରି ଓଡ଼ିଆ ଭକ୍ତି ସାହିତ୍ୟ ଗଢ଼ି ଉଠିଛି । ବିଭିନ୍ନ ସମୟରେ ବିଭିନ୍ନ ଧର୍ମ ଆସି ଜଗନ୍ନାଥଙ୍କ ନିକଟରେ ନିମଜ୍ଜିତ ହୋଇଛି । ଭକ୍ତର ଭକ୍ତି ଭାବନା ଅତି ଆବେଗମୟ ଭାଷାରେ ଭକ୍ତି କବିତାରେ ପ୍ରକାଶିତ ହୋଇଛି । ଏହି ପାଠରେ ସେହି ପ୍ରାଚୀନ ଭକ୍ତି କବିତାର ରୂପ ବୈଚିତ୍ର୍ୟ ତଥା ଅନ୍ୟାନ୍ୟ ପ୍ରାଚୀନ କବିତାର ରୂପ ବୈଚିତ୍ର୍ୟ ବା ଗଠନ ପ୍ରଣାଳୀ ଏହି ପାଠରେ ଆଲୋଚନା କରିବା ।

## ୩.୩ ରଚନା ଶୈଳୀ

ଏହି ଏକକରେ ଆମେ ପ୍ରାଚୀନ ଓଡ଼ିଆ କବିତା ଗୁଡ଼ିକର ରଚନାଶୈଳୀ ସଂପର୍କରେ ଜ୍ଞାନ ଆହରଣ କରିବା । ସେହି କବିତାଗୁଡ଼ିକର ନାମ ହେଲା :-

(କ) ଚଉତିଶା ।

(ଖ) କୋଇଲି ।

(ଗ) ଭଜନ ।
(ଘ) ଜଣାଣ ।
(ଙ) ଚମ୍ପୁ ।

## ୩.୩.୧ ଚଉତିଶା

'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତିରିଶଟି ଅକ୍ଷରକୁ କ୍ରମାନ୍ୱୟରେ ପାଦର ଆଦ୍ୟରେ ରଖି ପଦ୍ୟ ରଚନା କରୁଥିବା ରୀତିକୁ "ଚଉତିଶା" କୁହାଯାଏ । ଏହା ଏକ ପ୍ରାଚୀନ କବିତା ରଚନା ରୀତି । କେବଳ ଓଡ଼ିଶାରେ ନୁହେଁ ଭାରତର ବିଭିନ୍ନ ସ୍ଥାନରେ ଏହି ଶୈଳୀରେ କବିତା ରଚନା ହୋଇଥିବାର ଦେଖାଯାଏ । ବସ୍ତା ଦାସଙ୍କ "କଳସା ଚଉତିଶା" ଓଡ଼ିଆ ଭାଷାର ପ୍ରଥମ ଚଉତିଶା ଭାବରେ ଗୃହୀତ ହୋଇଥାଏ । ବସ୍ତା ଦାସ ତାଙ୍କ "କଳସା ଚଉତିଶା"ରେ କୌଣସି ରାଗ ବା ବୃତ୍ତ ସଂପର୍କରେ ଉଲ୍ଲେଖ କରିନଥିଲେ । ଏଣୁ ପରବର୍ତ୍ତୀ ସମୟରେ ଯେଉଁ ଚଉତିଶା ଗୁଡ଼ିକ ରଚିତ ହୋଇଥିଲା ! ସେଗୁଡ଼ିକ କଳସା ଚଉତିଶାର ଅକ୍ଷରକ୍ରମକୁ ଅନୁସରଣ କରି "କଳସାରାଗ" ନାମରେ ନାମିତ କରିଥିବାର ଦେଖାଯାଏ ।

ଏବେ କଳସା ଚଉତିଶାର ଚନାକ୍ରମକୁ ଅନୁଧ୍ୟାନ କରିବା :-

କହନ୍ତି କାମିନୀ ଗୁଣ ହେମନ୍ତ ଦୁଲଣୀ,
କାହୁଁ ବରେ ବରିଲେ ତୁମର ପିତାମଣି ।
କୂଳ ମୂଳ ଗୋତ୍ର ଆଦି ନାହିଁ ଜଣା ତାର,
କନକ ବେଦିରେ ବୁଢ଼ା ବସିଛି ମଧର ।
ଖୁଁ ଖୁଁ ଖାସ ସାହାସେଣ ପେଲୁଅଛି ଧଇଁ,
ଖର ନିଶ୍ୱାସେ ବୁଢ଼ାର ମଥା ଲାଗେ ଭୂଇଁ ।
ଖଣ୍ଡିଆ ଯୋଗୀର ସାଙ୍ଗେ ନାହିଁ ଯାନ ତାର,
ଖଣ୍ଡିଆ ବଳଦ ବୁଢ଼ା ବାନ୍ଧିବୁ ପାଖର ।
ଗୋଡ଼ହାତ ଷଣଫୁଲ, ଗଳୁଛି ନୟନ,
ଗଣ୍ଡସ୍ଥଳେ ଲଗାଇ ମଦୁରା ଦରଶନ ।

ଘର ତାର କେବଣ ଦେଶରେ ତଥ୍ୟ ନାହିଁ
ଘଟାଇଲା ବିହି ଆଣି ଏମନ୍ତ କରାଇ ।
ଘଟ ଘଟ ହୋଇ ନାଳ ବହଇ ତୁଣ୍ଡର
ଘନ ଜଟା ଲୋଚା ଏକ ବାନ୍ଧିଛି ମୁଣ୍ଡର ।

ବସ୍ତା ଦାସଙ୍କ ରଚିତ "କଳସା ଚଉତିଶା"ର ଏହା କରି ଅଂଶ । ଏଠାରେ "କ,ଖ,ଗ ଓ ଘ" ପର୍ଯ୍ୟନ୍ତ ଅନୁକ୍ରମରେ ପାଦର ପ୍ରଥମ ଅକ୍ଷର ଭାବରେ ବ୍ୟବହାର କରାଯାଏ ପଦ ଗଠନ କରାଯାଇଛି । ପ୍ରତ୍ୟେକ ପଦରେ ଦୁଇଟି ପାଦ ଅଛି ଓ ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା ଚଉଦ ।

**ଚଉତିଶାର ପ୍ରକାର ଭେଦ :-**

ଓଡ଼ିଶାର କବିମାନେ ବିଭିନ୍ନ ବିଷୟକୁ ଗ୍ରହଣ କରି ଚଉତିଶାମାନ ରଚାନ କରିଛନ୍ତି । ବିଷୟବସ୍ତୁକୁ ଉପଜୀବ୍ୟ କରି ଚଉତିଶାକୁ ନିମ୍ନଲିଖିତ ପାଞ୍ଚଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା :-

(କ) ଭକ୍ତିମୂଳକ ଚଉତିଶା

(ଖ) ପ୍ରୀତିମୂଳ ଚଉତିଶା

(ଗ) ପୌରାଣିକ ଚଉତିଶା

(ଘ) ତତ୍ତ୍ୱପ୍ରଧାନ ଚଉତିଶା

(ଙ) ବିବିଧ ବିଷୟ ଚଉତିଶା

ଏବେ ଏହି ଚଉତିଶା ଗୁଡ଼ିକ ବିଷୟରେ ଜ୍ଞାନ ଆହରଣ କରିବା ।

**(କ) ଭକ୍ତିମୂଳକ ଚଉତିଶା -**

ବିଭିନ୍ନ ଦେବ ଓ ଦେବୀଙ୍କ ସ୍ତୁତି ନିମିତ୍ତ କବିମାନେ ଓଡ଼ିଆ ଭାଷାରେ ବହୁ ଚଉତିଶା ରଚନା କରିଛନ୍ତି । ଭକ୍ତିଭାବନା ନେଇ ରଚିତ ହୋଇଥିବା ଚଉତିଶାଗୁଡ଼ିକୁ ଭକ୍ତିମୂଳକ ଚଉତିଶା କୁହାଯାଏ । ମୁଖ୍ୟତଃ ଶିବ, ବିଷ୍ଣୁ, ରାମ, କୃଷ୍ଣ, ଗଣେଶ, ଲକ୍ଷ୍ମୀ ଓ ଦୁର୍ଗାଙ୍କ ସଂପର୍କରେ ବହୁ ଚଉତିଶା ରଚିତ ହୋଇଅଛି । ଅଭିମନ୍ୟୁ ସମାନ୍ତ ସିଂହାର "ଦୀନବନ୍ଧୁ ଜଣାଣ ଚଉତିଶା" ଟି ବିଷ୍ଣୁଙ୍କୁ ନେଇ ରଚନା କରିଛନ୍ତି ।ସେହିପରି ସେ ଲକ୍ଷ୍ମୀଙ୍କୁ ନେଇ "କମଳିନୀ" ଜଣାଣ ନାମକ ଚଉତିଶା ରଚନା କରିଛନ୍ତି । ସେହିପରି "ସତ୍ୟ-ମହିମା ଧର୍ମ ଚଉତିଶା ଗ୍ରନ୍ଥମାଳା"ରେ ମହିମା ଗୋସାଇଁ ସଂପର୍କରେ ଚଉତିଶା ରଚିତ ହୋଇଥିବା ଦେଖିବାକୁ ମିଳେ ।

**(ଖ) ପ୍ରୀତିମୂଳକ ଚଉତିଶା -**

ହୃଦୟର ପ୍ରଣୟାବେଗକୁ ପ୍ରକାଶ କରିବା ନିମିତ୍ତ ପ୍ରାଚୀନ କାଳରୁ ବହୁ ପ୍ରୀତିମୂଳକ ଚଉତିଶା ରଚିତ ହୋଇଅଛି । ପ୍ରେମ ଜନିତ ବିରହ ବେଦନାରେ ଏହି ଚଉତିଶା ଗୁଡ଼ିକ ଭାସ୍ୱର ଓ ରସାଶ୍ରୟୀ ହୋଇପାରିଛି । ପ୍ରାୟତଃ ଚିଟାଉ ଓ ସନ୍ଦେଶ ଆକାରରେ ଏହି ଚଉତିଶା ଗୁଡ଼ିକ ରଚିତ । କୋକିଳ, କେକୀ ଓ ମେଘକୁ ବହୁ ଚଉତିଶାରେ ଦୂତ ଓ ଦୂତୀ ଭାବରେ ସମ୍ବୋଧନ କରାଯାଇ ପ୍ରେମମୂଳକ ଚଉତିଶା ରଚନା କରାଯାଇଛି । ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ରଚିତ "ଚିଟାଉ ଚଉତିଶା" ପ୍ରେମମୂଳକ ଚଉତିଶାର ଅନନ୍ୟ ଉଦାହରଣ । ଗୋପାଳକୃଷ୍ଣଙ୍କ "ଜାଇଫୁଲ ଚଉତିଶା" ଅଭିମନ୍ୟୁ ସମାନ୍ତ ସିଂହାରଙ୍କ "କୋକିଳ ଚଉତିଶା", ବ୍ରଜରାଜ ସିଂହଙ୍କ "ବଳାହକ ଚଉତିଶା" ଆଦିକୁ ପ୍ରେମମୂଳକୁ ଚଉତିଶାର ଉଦାହରଣ ଭାବରେ ଗ୍ରହଣ କରାଯାଇପାରେ ।

**(ଗ) ପୌରାଣିକ ଚଉତିଶା -**

ପୁରାଣର କାହାଣୀକୁ ନେଇ ଗଠିତ ହୋଇଥିବା ଚଉତିଶା ଗୁଡ଼ିକୁ ପୌରାଣିକ ଚଉତିଶା କୁହାଯାଏ । ଓଡ଼ିଆ ସାହିତ୍ୟରେ ଏଗୁଡ଼ିକ ସର୍ବ ପୁରାତନ ଚଉତିଶା । ବତ୍ସା ଦାସଙ୍କ ରଚିତ "କଳସା ଚଉତିଶା" ଏହି ଶ୍ରେଣୀର । ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ବିରହ, ଶ୍ରୀରାମଚନ୍ଦ୍ର ଓ ବୈଦେହୀଙ୍କ ବିରହ, କୌଶଲ୍ୟା ଏବଂ ଯଶୋଦାଙ୍କ କାରୁଣ୍ୟ ଆଦି ବିଷୟକୁ ନେଇ ବହୁ ପୌରାଣିକ ଚଉତିଶା ରଚିତ ହୋଇଅଛି । ଦୀନକୃଷ୍ଣ ଦାସଙ୍କ "ରାଧାକୃଷ୍ଣ ଚଉତିଶା" ଏହି ଦୃଷ୍ଟିରୁ ସର୍ବଶ୍ରେଷ୍ଠ । ଏହି ଚଉତିଶାରେ ରାଧାଙ୍କ ବିରହବେଦନା ଅତି ମାର୍ମିକ ଭାବରେ ବର୍ଣ୍ଣିତ ହୋଇଅଛି । ସେହିପରି ଭ୍ରମରବର ସିଂହଙ୍କ "କଳାନିଧି ଚଉତିଶା" ର କାହାଣୀ କୃଷ୍ଣ ଓ ରାଧାଙ୍କ ପ୍ରେମକାହାଣୀକୁ ଆଧାର କରି ରଚିତ ହୋଇଅଛି ।

**(ଘ) ତତ୍ତ୍ୱପ୍ରଧାନ ଚଉତିଶା -**

କବିମାନେ ବିଭିନ୍ନ ସମୟରେ ବିଭିନ୍ନ ଧର୍ମଧାରଣା ଓ ଶରୀର ତତ୍ତ୍ୱକୁ ନେଇ ଚଉତିଶା ରଚନା କରିଛନ୍ତି । ସେହି ଚଉତିଶା ଗୁଡ଼ିକୁ ତତ୍ତ୍ୱପ୍ରଧାନ ଚଉତିଶା ଶ୍ରେଣୀଭୁକ୍ତ କରାଯାଇଛି । ଅଧିକାଂଶ ତତ୍ତ୍ୱ-ପ୍ରଧାନ ଚଉତିଶାରେ ଶରୀର ତତ୍ତ୍ୱ ସଂପର୍କରେ ବିଭିନ୍ନ ଧାରଣା ବର୍ଣ୍ଣନା ହୋଇଛି । ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ ପ୍ରଭୃତି କବିମାନେ ଏହି ତତ୍ତ୍ୱ-ପ୍ରଧାନ ଚଉତିଶା ରଚନା କରିଛନ୍ତି । ବଳାରାମ ଦାସଙ୍କ "କମଳ ଲୋଚନ ଚଉତିଶା" ଏବଂ ଅଚ୍ୟୁତାନନ୍ଦ ଦାସଙ୍କ ରଚିତ "ଅଣାକାର ଭେଦନ ଚଉତିଶା", "ପିଣ୍ଡବ୍ରହ୍ମାଣ୍ଡ ଚଉତିଶା", ପରମ ଗୁପତ ଚଉତିଶା ଆଦି ଶ୍ରେଷ୍ଠ ତତ୍ତ୍ୱ-ପ୍ରଧାନ ଚଉତିଶା ରୂପେ ଗୃହୀତ ହୋଇଥାନ୍ତି ।

**(ଙ) ବିବିଧ ଚଉତିଶା -**

ପ୍ରାଚୀନ ଓ ମଧ୍ୟଯୁଗରେ ବିଭିନ୍ନ ସାମାଜିକ ଜୀବନରେ କାହାଣୀକୁ ନେଇ ଚଉତିଶା ରଚନା କରାଯାଇଛି । ଏହାବ୍ୟତୀତ ଭବିଷ୍ୟବାଣୀରୂପେ ମଧ ଚଉତିଶା ରଚନା କରାଯାଇଛି । ସେହିପରି ପୁରୀ ରାଜା ଦିବ୍ୟସିଂହ ଦେବଙ୍କୁ କଳାପାଣି ଦଣ୍ଡାଦେଶ ଉପରେ ଅଜ୍ଞାତ କବିଙ୍କ ଦ୍ୱାରା "ମହାରାଜାଙ୍କ ଚଉତିଶା" ରଚିତ ହୋଇଅଛି । ଏହି ବିବିଧ

ଚଉତିଶା ମଧ୍ୟରେ ଦୀନବନ୍ଧୁ ମହାପାତ୍ରଙ୍କ "ଚମତ୍କାର ଚଉତିଶା", ତ୍ରିପତି ଗାୟକରତ୍ନଙ୍କ ବାଲ୍ୟବିଧବା ଚଉତିଶା" ଏବଂ ଦନାଇ ଦାସଙ୍କ "ପହଲି ଚଉତିଶା"କୁ ଗ୍ରହଣ କରାଯାଏ ।

## ୩.୩.୨ କୋଇଲି

ଏହା ଏକ ସମ୍ବୋଧନାତ୍ମକ ପ୍ରାଚୀନ ଗୀତିକବିତା ରଚନା ଶୈଳୀ । କୋଇଲିକୁ ସମ୍ବୋଧନ କରି ରଚିତ ହେଉଥିବାରୁ ଏଗୁଡ଼ିକୁ "କୋଇଲି" କବିତା କୁହାଯାଏ । କୋଇଲିକୁ ଦୂତୀ ଭାବରେ ଗ୍ରହଣ କରି କବିମାନେ ନିଜର ମନୋଭାବ ଏହି କବିତା ମାଧ୍ୟମରେ ପ୍ରକାଶ କରିଥାନ୍ତି । ଷୋଡ଼ଶ ଶତାବ୍ଦୀରୁ ଏହି କୋଇଲି କବିତା ଓଡ଼ିଆ ସାହିତ୍ୟରେ ରଚିତ ହୋଇ ଆସୁଅଛି । ଏଣୁ ଏହି କବିତାକୁ "ସନ୍ଦେଶକାବ୍ୟ" ବା "ଦୂତକାବ୍ୟ" ଭାବରେ ମଧ୍ୟ ନାମିତ କରାଯାଇଥାଏ ।

ମାର୍କଣ୍ଡ ଦାସଙ୍କ "କେଶବ କୋଇଲି"କୁ ଓଡ଼ିଆ ସାହିତ୍ୟର ସର୍ବପ୍ରାଚୀନ "ସନ୍ଦେଶକାବ୍ୟ" ଭାବରେ ଗ୍ରହଣ କରାଯାଇଥାଏ । ଭକ୍ତକବି ଜଗନ୍ନାଥ ଦାସଙ୍କ "ଅର୍ଥକୋଇଲି" ଆଉ ଏକ ତାତ୍ତ୍ୱିକ ରଚାନ ଭାବରେ ପ୍ରତିଷ୍ଠା ପାଇଛି । ଏହାବ୍ୟତୀତ ଦନେଇ ଦାସଙ୍କ "ଯଶୋଦା କୋଇଲି", ଗୋପାଳକୃଷ୍ଣଙ୍କ", "ଯଶୋଦା କୋଇଲି", ସୁଲକ୍ଷଣା ପଟ୍ଟନାୟକଙ୍କ "ଦୀନବନ୍ଧୁ କୋଇଲି", କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ "କମଳମୁଖୀ କୋଇଲି" ଓଡ଼ିଶାରେ ଅତି ପରିଚିତ ।

ଏବେ ଦନେଇ ଦାସଙ୍କ ରଚିତ 'ଯଶୋଦା କୋଇଲି'କୁ ଅଧ୍ୟୟନ କରିବା :-

କୁହୁ ଶବଦ ଶୁଣି ପଚାରି,
କୋଇଲି, କୃଷ୍ଣ ଆସିବେ କି ଏ ଗୋପପୁରୀ ଲୋ !
କହଲୋ କୋଇଲି ସ୍ୱରୂପ କରି,
କୋଇଲି, କି ଦୋଷେ ମୋତେ ମୁରୁଛିଲେ ହରିଲୋ !

ସେହିପରି ମାର୍କଣ୍ଡ ଦାସଙ୍କ "କେଶବ କୋଇଲି" ଓଡ଼ିଶାର ଜନମାନସରେ ଅଦ୍ୟପି ଜୀବିତ ଅଛି । ମାତା ଯଶୋଦାଙ୍କ ପୁତ୍ର ସ୍ନେହର କରୁଣ ଆବେଦନ ଏହି କୋଇଲି କବିତାଟିକୁ ସ୍ମରଣୀୟ କରି ରଖିଛି । ଏଥିରୁ କିଛି ଅଂଶ ଅଧ୍ୟୟନ କରିବା ।

"କୋଇଲି !କେଶବ ଯେ ମଥୁରାକୁ ଗଲା
କାହା ବୋଲେ ଗଲାପୁତ୍ର ବାହୁଡ଼ି ନଇଲା । ଲୋ କୋଇଲି ।
କୋଇଲି ! ଖଣ୍ଡକ୍ଷୀର ଦେବି ମୁଁ କାହାକୁ
ଖାଇବାର ପୁତ୍ରଗଲା ମଥୁରା ପୁରକୁ । ଲୋ କୋଇଲି ।
କୋଇଲି ! ଘର ମୋର ନ ମଣନ୍ତି ନନ୍ଦ
ଘଟଣ ନଦିଶେ ପୁର ନଥିଲେ ଗୋବିନ୍ଦ । ଲୋ କୋଇଲି ।
କୋଇଲି ! ଥନ ଭାଙ୍ଗି କ୍ଷୀର ପାନ ଦେଲି
ଥବିର କାଳକୁ ପୁତ୍ର ଦେଖି ନ ପାରିଲି । ଲୋ କୋଇଲି ।"

ଏହିପରି ଭାବରେ କୋଇଲି ସାହିତ୍ୟ ମାଧ୍ୟମରେ ବହୁ କବି ନିଜ ଭାବନାକୁ ବ୍ୟକ୍ତ କରିଛନ୍ତି । ହୃଦୟର ଭକ୍ତି, ବାତ୍ସଲ୍ୟ ଓ ପ୍ରେମ ଭାବନାକୁ ବ୍ୟକ୍ତ କରିବା ନିମିତ୍ତ ଏହି ଦୂତ ବା ସମ୍ବୋଧନ କାବ୍ୟ ସର୍ବଦା ସହାୟକ ହୋଇଛି ।

## ୩.୩.୩ ଭଜନ ଓ ଜଣାଣ

'ଭଜନୀୟ'ର ଅର୍ଥ ହେଉଛି ଈଶ୍ୱରଙ୍କୁ ଭଜିବା । ଭଜନ ଶବ୍ଦଟି ସଂସ୍କୃତ "ଭଜ୍" ଧାତୁର ଉତ୍ପତ୍ତି ହୋଇଛି ଯାହାର ଅର୍ଥ ପୂଜା, ଉପାସନା, ଭଜନରେ ଦେବତାଙ୍କ ସ୍ତୁତିଗାନ କରାଯାଏ । ଓଡ଼ିଶାର ପୁରପଲ୍ଲୀ ତଥା ବିଦଗ୍ଧମଣ୍ଡଳୀରେ ଭଜନ ସାହିତ୍ୟ ବହୁ ପରିମାଣରେ ପ୍ରଚଳିତ । ଓଡ଼ିଶାର ଇଷ୍ଟଦେବତା ଜଗନ୍ନାଥଙ୍କୁ ନେଇ ବହୁ ଜଣାଣ ପ୍ରାଚୀନ କାଳରୁ ରଚିତ ହୋଇ ଆସିଛି । ଓଡ଼ିଶାର ଜନଜୀବନରେ ଯେଉଁ ଭଜନଗୁଡ଼ିକ ଲୋକପ୍ରିୟ ହୋଇ ଭକ୍ତିଭାବନାରେ ଆପ୍ଲୁତ କରିଛି, ସେଗୁଡ଼ିକ ମଧ୍ୟରେ ରହିଛି :-

ବଳରାମ ଦାସଙ୍କ :- "ମହାପ୍ରଭୁ, ଭକତ ଦୁଃଖରେ ଦୁଃଖୀ"
"ବ୍ରଜଲୀଳାକୁ କର ଗମନ"
"ମୁଖେ ଭଜରାମକୃଷ୍ଣ ସାରୀ"

ଜଗନ୍ନାଥ ଦାସଙ୍କ :- " ନମସ୍ତେ ପ୍ରଭୁ ! ଜଗନ୍ନାଥ
ଭାଗବତ ଭଜନମାଳା

ଯଶୋବନ୍ତ ଦାସଙ୍କ :- ମନମତ୍ତ ଦୁହାଁଳ ଗାଈ
ପଡ଼ିଅଛି ବନ୍ଧ ତ୍ରିବେଣୀ ଘାଟେ

ଅନନ୍ତ ଦାସଙ୍କ :- ଅବନା ଅକ୍ଷର ଜପ
ହାଟ ଭଜନ

ମାଧବ ଦାସଙ୍କ :- କାହିଁପାଇଁ ହେଲୁ ବାଉଳା ।

ମାଧବୀ ଦାସୀଙ୍କ :- ଚକାନୟନ ହେ ! ଜଗୁ ଜୀବନ ଶ୍ରୀହରି ।

ଦୀନକୃଷ୍ଣ ଦାସଙ୍କ :- ଜଗବନ୍ଧୁ ପରି ଜଣେ ସାମନ୍ତ
ନାହିଁ ନାହିଁତ ।

ସାଲବେଗଙ୍କ :- "ଏକାତୋ ଭକତ ଜୀବନ"
"କେଣେ ଘେନିଯାଉଛ ଜଗନ୍ନାଥଙ୍କୁ"
"ଆହେ ! ନୀଳଗିରି"
"ଜଗବନ୍ଧୁ ହେ ଗୋସାଇଁ" ।

ଏବେ ମାଧବୀ ଦାସୀଙ୍କ ରଚିତ "ଚକାନୟନ ହେ ! ଜଗୁଜୀବନ ଶ୍ରୀହରି" ଭଜନର କିଛି ଅଂଶ ଅଧ୍ୟୟନ କରିବା । ଭକ୍ତ ମାଧବୀ ଦାସ ଜଗନ୍ନାଥଙ୍କୁ ସ୍ତୁତି ଗାନ କରି ଲେଖିଛନ୍ତି :

"ଚକା ନୟନ ହେ ! ଜଗୁ ଜୀବନ ଶ୍ରୀହରି
କାତରେ ଜଣାଣ କରୁଛି ଛାମୁରେ, ଶୁଣ ପ୍ରଭୁ ଶ୍ରୁତିଡ଼େରି ।"

କେତେ ସଙ୍କଟୁ କାହାକୁ ରଖିନାହଁ ଦୟାଳୁ ସାରଙ୍ଗଧରୀ
ତା ବର୍ଣ୍ଣି ବସିଲେ ପୋଥିକର ପାଠ କି ବର୍ଣ୍ଣିବ ଏ ପାମରୀ ?

X X X X

ଶବରୀକି ଦିବ୍ୟଗତି ଯାଚିଦେଇ ତା' ଉଚ୍ଛିଷ୍ଟ ଭକ୍ଷିକରି
ମୀରା କରମାଙ୍କ ଭାବେ ହୋଇ ରଙ୍କ ସ୍ଥାନ ଦେଲ ବ୍ରଜପୁରୀ
ଜୀବନ୍ତ ପିଙ୍ଗଳା ଆଦି ବାର ବାଳା ସଂସାର ଗଲେ ନିସ୍ତରି
ଅପାର ମହିମା କେତନ ଉଡ଼ାଇ ରଖିଛ କୀରତିଶିରୀ ।
ମୁଁ ଛାର ନିର୍ମାଖୀ ତୁମ୍ଭର ସେବକୀ ପଣଙ୍କୁ ଅଯୋଗ୍ୟ ନାରୀ
କରୁଛି ଦଇନି ଯୋଡ଼ି କର ବେନି ଶୁଣ ମାଧବୀ ଗୁହାରି ।"

## ୩.୪.୪ ଜଣାଣ

ପ୍ରାର୍ଥନାକୁ ଜଣାଣ ଭାବରେ ଅଭିହିତ କରଯାଇଥାଏ । ଭଜନ ଓ ଜଣାଣ ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟଟି ହେଉଛି : ଭଜନ ସ୍ତୁତି ମୂଳକ ଓ ଜଣାଣ ପ୍ରାର୍ଥନା ମୂଳକ । ଜଣାଣରେ ଭକ୍ତ ନିଜର ଭକ୍ତିଭାବ ସହ ଦୁଃଖ, ଯାତନା, ଆଶା, ଆକାଙ୍‌କ୍ଷାକୁ କବିତା ମାଧ୍ୟମରେ ପ୍ରକାଶ କରିଥାଏ । ଓଡ଼ିଆ ସାହିତ୍ୟରେ ବହୁ ଜଣାଣ ରଚିତ ହୋଇଛି । ପ୍ରାଚୀନ ଯୁଗରୁ ଆଧୁନିକ ଯୁଗଯାକ ଜଣାଣ ମାଧ୍ୟମରେ କବିମାନେ ଭକ୍ତିଭାବନା ଓ ଧର୍ମଭାବନାକୁ ଅତି ମାର୍ମିକ ଭାବରେ ପ୍ରକାଶ କରିଆସିଛନ୍ତି ।

ରଘୁ ଅରକ୍ଷିତଙ୍କ 'ସବୁରି ସବୁ ଅଛି ମୋହର କେହିନାହିଁ ଏକା ମୋ ପ୍ରଭୁ ଜଗନ୍ନାଥ', ଗଜପତି ପ୍ରତାପରୁଦ୍ର ଦେବଙ୍କର 'ଚିନ୍ତରେ ସ୍ୱାନ୍ତ ନରନ୍ତର', ଦୀନକୃଷ୍ଣ ଦାସଙ୍କର 'ଉଠ ରାମ ପାହିଲା ରଜନୀ', ଉପେନ୍ଦ୍ର ଭଞ୍ଜଙ୍କ 'କଳା ଶ୍ରୀମୁଖ ହେ ! ନଗଲା ମୋହର ଦୁଃଖ, ଅଭିମନ୍ୟୁ ସାମନ୍ତ ସିଂହାରଙ୍କ –

' ଜୟ ଜୟ ଜଗନ୍ନାଥ ଚଢ଼ି ନନ୍ଦିଘୋଷ ରଥ' କବିସୂର୍ଯ୍ୟ ବଳଦେବଙ୍କ "ବାଧିଲା ଜାଣି କ୍ଷମା" ଏବଂ ବୀର କେଶରୀ ମହାରାଜଙ୍କ 'ଭୁଜ ତଳେ ମତେ ରଖ ମହାବାହୁ" ଇତ୍ୟାଦି ଓଡ଼ିଶାରେ ବହୁ ପ୍ରଚଳିତ ଜଣାଣ । ସାଧାରଣ ଜନ ଜୀବନରେ ଏହି ଜଣାଣ ଗୁଡ଼ିକୁ ସର୍ବଦା ଶୁଣିବାକୁ ମିଳିଥାଏ ।

ଏବେ କବିସୂର୍ଯ୍ୟ ବଳଦେବ ରଥଙ୍କ 'ସର୍ପ ଜଣାଣ'କୁ ଅଧ୍ୟୟନ କରିବା ।

"ବାଧିଲା ଜାଣି କ୍ଷମା କର ନୋହିଲେ ରମା ରମଣ ଦଣ୍ଡେ ଦିଅ ଟାଳି
ତୁମ୍ଭଙ୍କୁ ଜଗନ୍ନାଥ ଆଜ ମୋ ମନୋରଥ ଭରତି କରିଦେବି ଗାଳି,
ହେ କୃପାନିଧି ।
କରୁଣା ସିନ୍ଧୁ ବୋଲି କରି କହନ୍ତି ବୁଧେ ଡ଼ରିମରି
କାଳସର୍ପ ଆପଣ କବଳ କର ପ୍ରାଣ ପବନମାନଙ୍କ ସବୁରି,
ହେ କୃପାନିଧି ।
ତାହାକୁ ବୋଲି ଚକ୍ରୀ ଚକ୍ରଥିବାରୁ ଚକ୍ରୀ ତୁମ୍ଭେତ ବୋଲାଅ
ବୋଲାଇ କୁଣ୍ଡଳୀସେ, ଆପଣତ ବିଶେଷେ ଭୂଷିତ ମକର କୁଣ୍ଡଳେ
ହେ କୃପାନିଧି ।
ଅଦୃଶ୍ୟ ହେବାରୁ ତାପାଦ ତାହାକୁ ବୋଲି ଗୂଢ଼ଗଜ
ଆପଣା ଚରଣତ ବିରଞ୍ଚିକୁ ଗୁପତ କାହିଁ ତା'ଠାରୁ ତୁମ୍ଭେ ଭେଦ,
ହେ କୃପାନିଧି ।

## ୩.୩.୫ ଚମ୍ପୂ

ଗଦ୍ୟ ଓ ପଦ୍ୟ ମିଶ୍ରିତ ରଚନାକୁ ଚମ୍ପୂ କୁହାଯାଏ । ତେବେ ଏହି ଗଦ୍ୟ ପଦ୍ୟ ମିଶ୍ରିତ ଚମ୍ପୂକୁ ଖଣ୍ଡକାବ୍ୟର ଅଂଶବିଶେଷ ଭାବରେ ମଧ୍ୟ ଗ୍ରହଣ କରାଯାଇଥାଏ । ସଂସ୍କୃତ କାବ୍ୟ ପରଂପରାରୁ ଏହି ରଚନାଶୈଳୀ ଓଡ଼ିଆ ସାହିତ୍ୟକୁ ପ୍ରବେଶ କରିଛି । ପ୍ରାଚୀନ ତଥା ମଧ୍ୟଯୁଗରେ ବହୁ ଓଡ଼ିଆ ସଂସ୍କୃତ ପଣ୍ଡିତ କାବ୍ୟ କବିତାମାନ ରଚନା କରିଯାଇଛନ୍ତି । ଏଣୁ ସଂସ୍କୃତ ସାହିତ୍ୟର ବହୁଳ ପ୍ରଭାବ ଦେଖିବାକୁ ମିଳିଥାଏ । ଚମ୍ପୂ ରଚନାରେ ଏହି ପ୍ରଭାବ ବିଶେଷ ଭାବରେ ଅନୁଭୂତ ହୁଏ । ପୌରାଣିକ ବିଷୟକୁ ନେଇ ଚମ୍ପୂ ରଚିତ ହୋଇଥାଏ । ଏଥିରେ ବିଭିନ୍ନ ରାଗ ରାଗିଣୀର ବ୍ୟବହାର କରାଯାଏ । ଶୃଙ୍ଗାର ବା ବୀର ରସଙ୍କୁ ଚମ୍ପୂରେ ପ୍ରାଧାନ୍ୟ ଦିଆଯାଇଥାଏ । ନାଟକୀୟତା ଚମ୍ପୂର ଏକ ପ୍ରଧାନ ଗୁଣ । ଘଟଣାର ବର୍ଣ୍ଣନା, ଚରିତ୍ର ଚିତ୍ରଣ ମାଧ୍ୟମରେ ଏହି ନାଟକୀୟତା ପ୍ରକାଶିତ ହୋଇଥାଏ ।

ଓଡ଼ିଆ ସାହିତ୍ୟରେ କେତୋଟି ବିଶିଷ୍ଟ ଚମ୍ପୂ ରଚନା :-

୧. ଉପେନ୍ଦ୍ର ଭଞ୍ଜ :- ଚଉପଦୀ ଭୂଷଣ
୨. ବନମାଳୀ ଦାସ :- ରାମାୟଣ ଚମ୍ପୁ
୩. ଦାମୋଦର ପଟ୍ଟନାୟକ :- ଜୀବନ ଚମ୍ପୁ
୪. ସାମନ୍ତ ଶ୍ୟାମବନ୍ଧୁ ଦାସ :- ଜାତୀୟ ଚମ୍ପୁ
୫. ନବକିଶୋର ମହାନ୍ତି :- କିଶୋରୀ ବିଳାସ ଚମ୍ପୁ
୬. କବିସୂର୍ଯ୍ୟ ବଳଦେବ ରଥ :- କିଶୋର ଚନ୍ଦ୍ରାନନ ଚମ୍ପୁ

ଓଡ଼ିଆ ସାହିତ୍ୟରେ କବିସୂର୍ଯ୍ୟ ବଳଦେବ ରଥଙ୍କ କିଶୋର ଚନ୍ଦ୍ରାନନ ଚମ୍ପୁ ବହୁ ଚର୍ଚ୍ଚିତ । ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ପ୍ରଣୟ କାହାଣୀକୁ ନେଇ ରଚିତ ଏ ଖଣ୍ଡ କାବ୍ୟଟି ଓଡ଼ିଆ ଜନମାନସକୁ ସବୁ ସମୟରେ ଭକ୍ତି ଓ ପ୍ରେମ ଭାବନାରେ ଆକ୍ରାନ୍ତ କରିଛି । ଏବେ ଆମେ ତାହାର ପ୍ରଥମ ଗୀତକୁ ଅଧ୍ୟୟନ କରି, ଚମ୍ପୁର ସ୍ୱରୂପ ସଂପର୍କରେ ଜ୍ଞାନ ଆହରଣ କରିବା । କିଶୋର ଚନ୍ଦ୍ରାନନ ଚମ୍ପୁରେ 'କ' ଠାରୁ "କ୍ଷ" ପର୍ଯ୍ୟନ୍ତ ଚଉତିରିଶଟି ଗୀତ ରହିଛି । ପ୍ରତ୍ୟେକ ଗୀତ ଅକ୍ଷର ଅନୁକ୍ରମରେ ରଚିତ ହୋଇଛି । ଏହାର ପ୍ରଥମ ଗୀତଟି 'କ' ଅକ୍ଷର କ୍ରମରେ ରଚିତ ହୋଇଥିବା ସମୟରେ ଶେଷ ଗୀତଟି "କ୍ଷ" ଅକ୍ଷର କ୍ରମରେ ରଚିତ । ଏବେ ପ୍ରଥମ ଗୀତ ଓ ଶେଷ ଗୀତଟିକୁ ଅଧ୍ୟୟନ କରିବା ।

### ( କ )

### ରାଗ -ସାବେରୀ

କି ହେଲା ରେ, କହି ତ ନୁହଇ ଭାରତୀରେ
କାଲି ଯା ଦୂରରୁ ଦେଖି * କଳନା କଲା ମୋ ଆଖି
କଳା ଇନ୍ଦୀବର ଆରତିରେ ।ପଦ।
କେଳି କଦମ୍ବ ଲତାର କୋଳେ କି ଶ୍ୟାମଳତାର
ତେଜ ସେ ରବିସୁତାର ତୀରେ,
କମ୍ପି ମୋର କଳେବର ହୋଇଗଲା ଆରପାର
ଯାହାକୁ ଡ଼ରଇ ତାର ତୀରେ ।୧।
କୁସୁମ କୋଦଣ୍ଡ କାଣ୍ଡ କେତେ କରିଥିଲା ଗୁଣ୍ଡ
କର୍କଶ-ନୋହିବା ଭାରତିରେ,
କହୁଛି ବରଜି ଲଜ୍ଜା କେବଳ ହେଲା ମୋ ମଜ୍ଜା
ମଜ୍ଜିଯିବି କି ଉଭା ରତିରେ ।୨।
କି ମୋହନ ଲୀଳା ଧରି କୋଟି କଳାକାର ଶିରୀ
ପୂରିଛି ସେ ଶ୍ୟାମ ମୁରତିରେ,
କୁତ୍ସା କରେ ମୁଁ ଧାତାକୁ କାହିଁକି ସରଜି ତାକୁ
ଚିରାୟୁ ରଖିଲା ଜରତୀରେ ।୩।
କି ନୀତି କି ଜାତିଶୀଳ କି କୁଳ ବରତ ଫଳ
ଠଉରି ପାରିଲା ମୋ ମତିରେ ?
କୋମଳତର ମୋହନ କୁଞ୍ଜକୁକ୍ଷିରୁ ନିଃସ୍ୱନ
ଆସି ଚୁମ୍ବିହେଲା ମୋ ଶ୍ରୁତିରେ ।୪।
କଳବଳ ଛଟପଟ ହୋଇଯାଉଛି ନିପଟ
ସଂବେଶ ଅଶନ -ବିରତିରେ,
କହଇ ଶ୍ରୀ ବାଲୁକେଶ ଶରଣ ଧରଣୀ ଈଶ

ଏ କି ଦଣ୍ଡ ବିନା ପୀରତିରେ ।୫।

ଚୀନାନିକଙ୍କଚଳଦଞ୍ଚଳଚେକମାଲଂ,
ହୀନାଂଦ୍ୱିସାମସୁମତାଂ ଶରଣଂ ଶରଣ୍ୟଂ ।
ପୀନାନୁକମ୍ପନରସାମୃତପୂରପୂର୍ଣ୍ଣୌ
ଦୀନାସ୍ୟନିଃସୃତତରସ୍ତବସଜ୍ଜକର୍ଣ୍ଣଃ,
ମୀନାଦ୍ୟନେକବିଧିରୂପଧରଃ ପରାତ୍ମା
କୀନାଶକିଙ୍କରଭୟାନି ଜରୀହରୀତୁ ॥

ଶ୍ରୀମଦ୍‌ଭ୍ୟାମନ୍ୟୋଜ୍ଞନ୍ୟଲାବଣ୍ୟଲୋଳଲୋଚନାଭ୍ୟାମମ୍ବରାଡ଼ମ୍ବର-
ବିଡ଼ମ୍ବିତାମ୍ବୁଧରଲୋଚନାଭ୍ୟାଂ କାର୍ତ୍ତସ୍ୱରମସାରସାତ୍ୱସାଦୃଶ୍ୟପୂର୍ଣ୍ଣବର୍ଣ୍ଣାଭ୍ୟା-
ମାର୍ତ୍ତସ୍ୱରବର୍ଣ୍ଣନସଜ୍ଜକଣ୍ଠାଭ୍ୟାଂ ରକ୍ତାରବିନ୍ଦସୌନ୍ଦର୍ଯ୍ୟତୁନ୍ଦିଳଚରଣାଭ୍ୟା-
ମମାନୁଷାନୁଭାବବିଭବାଭ୍ୟାଂ ଶ୍ରୀରାଧାମାଧବାଭ୍ୟାଂ ନମୋନମଃ
ଇତି କିଶୋରଚନ୍ଦ୍ରାନନନ୍ଦାଖ୍ୟଂ ଚମ୍ପୂକାବ୍ୟଂ
ଓଁ ତତ୍‌ସତ୍ ।

(କ୍ଷ) କ୍ଷମାନୁକମ୍ପାଧର ହେ କ୍ଷମାଶୀଳ, ହେ ଦୟାସାଗର; କ୍ଷୀରସାଗର ସମ୍ଭବା - ଲକ୍ଷ୍ମୀ; ପରିରମ୍ଭ- ଆଲିଙ୍ଗନ; କ୍ଷିତିଚକ୍ରବାର - ପୃଥିବୀମଣ୍ଡଳ; ଶ୍ରୁତିଶିର ଅବତଂସାକୃତି- ବେଦମସ୍ତକର ଭୂଷଣସ୍ୱରୂପ; ମରାଳବିହରଣ - ବ୍ରହ୍ମା; କରାର୍ଚ୍ଚିତ ଚରଣ - ବ୍ରହ୍ମା ଶ୍ରୀକୃଷ୍ଣଙ୍କର ଚରଣ ସେବକ ଅର୍ଥରେ; ଚରାଚର ଶରଣ -ସମଗ୍ର ସଂସାରର ଆଶ୍ରୟ; ତରାବର - ଚନ୍ଦ୍ର; ବରାବର-ସଦୃଶ; ନଖାଂଶ- ନଖର ଜ୍ୟୋତି; ଶିଖାଭରଣ - ମସ୍ତକର ଆଭରଣ; ନ ରଣେ - ଉଚ୍ଚାରଣ କରେ ନାହିଁ; ଅନାଦର ରହିତ - ଆଦର ସହିତ; ଅନାଉଣୀ - ଚାହିଁବା; ଅନାରତ - ସର୍ବଦା; ଅହିତ - ତାପ; ପତିତଜନାବହିତ - ପାପିଜନ ଉଦ୍ଧାରକାରୀ; କ୍ଷମ- ସମର୍ଥ ଅଧିକାରୀ ବା ହକ୍‌ଦାର; ଅନୁଭବ- ଯାହାର ମହିମା ଅତୁଳନୀୟ, ଜଳାକାର ଭବନ - ସମୁଦ୍ର ଯାହାର ଜନ୍ମସ୍ଥାନ ଅର୍ଥାତ୍ ଚନ୍ଦ୍ର; ବଳାମୁଖ - ଚନ୍ଦ୍ରକୁ ବଳି ଯାଇଥିବା ମୁଖ (ଶ୍ରୀକୃଷ୍ଣଙ୍କର); ବଳାହିତ - ବଳାରି, ଚନ୍ଦ୍ର; ବଳାବରକ - ବଳରାମଙ୍କ ସାନ ଭାଇ; ବୃଜିନଦଳା - ପାପ ବିନାଶକାରୀ; ଘନ- ମେଘ; କ୍ଷମାଧିପ - ପୃଥିବୀର ରାଜା; ନିବହ- ସମୁଦ୍ର; ହରରଥ - ପୃଥିବୀ; ରଥାଙ୍ଗଯୁତ କର - ଚକ୍ରଧର ।

## କ୍ଷ

## ରାଗ - କେଦାର

କ୍ଷମାନୁକମ୍ପାଧର ହେ,
କ୍ଷୀରସାଗରସମ୍ଭବା କୁଚକୁମ୍ଭଯୁଗଳପରିରମ୍ଭ-ଚତୁର ହେ ।ପଦ।
କ୍ଷିତିଚକ୍ରବାଳ ମହାଭୀତି ନିବାରଣ ହେ,
ଶ୍ରୁତିଶିର ଅବତଂସାକୃତି ଶ୍ରୀଚରଣ ହେ,
ମରାଳବିହରଣ- କରାର୍ଚ୍ଚିତ ଚରଣ, ଧରାଭାର ହରଣ, ଚରାଚର ଶରଣ,
ତରାବର କିରଣ, ବରାବର ଚରଣ-ନଖାଂଶୁ ସୁରଗଣଶିଖାଭରଣ ହେ ।୧।
କ୍ଷଣେ ହେଲେ ନାମକୁ ନ ଭଣେ ମୁଁ ତୁମ୍ଭର ହେ,
ଜଣେ ତ ହେବାରୁ ପାପିଗଣେ ବିଶ୍ୱମ୍ଭର ହେ,

ମନା ନ କର ହିତ, ଅନାଦର ରହିତ ଅନାଉଣି ନିରତ, ଚୂନା କରୁ ଦୁରିତ
ଅନାରତ ମୋ ଚିତ୍ତ ମନାସୁଛି ଅହିତ, ଜନାର୍ଦ୍ଦନ ପତିତଜନାବହିତ ହେ ।୨।
କ୍ଷମ ତ ମୁଁ ନୁହେଁ ଅନୁପମ ଅନୁଭାବ ହେ,
ଯମ ଦଣ୍ଡରୁ ମୋ ରକ୍ଷା କେମନ୍ତଟି ହେବ ହେ,
ଜଳାକରଭବନ - ବଳାମୁଖୀ ଭୁବନ-ବଳାହିତ ରତନ, ବଳାବରଜ, ଜନ-
କଳାପର ବୃଜିନଦଳା ସୁକୃତଧନ - ବଳାଢ୍ୟମୁନି ମନ କଦାପି ଘନ ହେ ।୩।
କ୍ଷମାଧିପ ଜଗଦେବ ସମାପନ କର ହେ,
ଶ୍ରମାର୍ତ୍ତ ହେବା ଭବ ଭ୍ରମାଟୀଯରେ ହେ;
ବ୍ୟଥା ନିବହ ହର, ପ୍ରଥାଚଳୁ ମିହିର, ପଥାନ୍ତରକୁ ହର-ରଥାଦିରୁ ଅମର,
ମଥାମଣି ନିକର, ରଥାଙ୍ଗଯୁତ କର, କଥା ବିନୟ ମୋର ବୃଥା ନ କର ହେ ।୪।

(କ୍ଷ) ଦଳିତାଞ୍ଜନପୁଞ୍ଜମଞ୍ଜୁଳାଙ୍ଗୋ, ଲଳିତାଦ୍ୟମ୍ବୁଜଲୋଚନାର୍ଚ୍ଚିତାଂଘ୍ରିଃ
ଫଳିତାମରଭୂରୁହଃ ଶ୍ରିତାନାଂ କଳିତାପଂ ଦଳୟିତ୍ୱଳଂ କବୀନାଂ ।
ଲୀଳାବନୀଭରସୁରାହିତବୀରବାରୋ
ଡ଼୍ଡ଼ୀନାଣ୍ଡକେନ୍ଦ୍ରଚରମାଭରଣଂ ମହୋ ନଃ,
(କ) ନାଦଃ କୋଽପି ନିତମ୍ବିନୀଜନମନଃ କ୍ଷୋଭକ୍ଷମଃ ଶୁଶ୍ରୁବେ,
କାନ୍ତିଃ କାପି ଚଳତ୍ କଳାପମୁକୁଟାଲମ୍ବା ଚୁଚୁମ୍ବାମ୍ବକେ ।
ସ୍ଥୈର୍ଯ୍ୟଂ ତତ୍ ପ୍ରଭୃତି ସ୍ଖଳତ୍ୟପି ବଳତ୍ୟନ୍ତର୍ବିଳାପୋ ବା-
ଦଶ୍ରାନ୍ତଂ ସଖି ଦୃଶ୍ୟତେ କିମଭିତୋ ମାହେନ୍ଦ୍ରନୀଳଂ ମହଃ ॥
ସଖି ! ଶିଖଣ୍ଡାପୀଡ଼ମନୋହରଃ ପ୍ରତ୍ୟଗ୍ରମୁଦିରମେଦୁରଃ ସମୁତ୍କଟ ନଟନାଟୋପପଟୁଃ କୋଽପି ସମୁହୋ ମହସାମମଳଃ ସମାଲୋକି ମୟେତ୍ୟୁକ୍ତ ବତ୍ୟା ଶ୍ରୀମତ୍ୟାଂ ତାଂ ଲଳିତା ।

(କ) ଭାରତୀରେ - କଥାରେ; କଳନା କଲା - ଠଉରାଇଲା; ଇନ୍ଦୀବର - ପଦ୍ମ; ଅଗତିରେ - ନିବୃତ୍ତି ଅବସ୍ଥାରେ; ଶ୍ୟାମଳତ୍ୱ ବା କାଳିମା; ରବିସୁତା - ଯମୁନା; ଆରପାର - ଅସ୍ତବ୍ୟସ୍ତ, ଯାହାକୁ - କନ୍ଦର୍ପ ଅର୍ଥତେ; ତୀରେ - ବାଣରେ; କର୍କଶ ନୋହିବା - କୋମଳ; ଭାରତି - ଶର ରଖିବା ମୁଣା, ତୂଣୀର ; ମଜ୍ଜା - ଆନ୍ତରିକ ଇଚ୍ଛା; କଳାକାର - ଚନ୍ଦ୍ର; କୁତ୍ସା - ନିନ୍ଦା; ଚିରାୟୁ - ଦୀର୍ଘଜୀବିନୀ; ଜରତୀ- ବୃଦ୍ଧା (ରାଧାଙ୍କ ଶାଶୁ ବୁଢ଼ୀ ଜଟିଳା; କୁକ୍ଷି- ପେଟ, ଗର୍ଭ; ଶ୍ରୁତି - କାନ; ନିପଟ - ଏକାନ୍ତ; ସଂବେଶ- ନିଦ୍ରା, ଅଶନ- ଭୋଜନ; ବିରତି- ଅଭାବ, ଶରଣଧରଣୀ ଈଶ - ଆଠଗଡ଼ ରାଜ୍ୟର ରାଜା (ଗଞ୍ଜାମ ଜିଲ୍ଲାର ଆଠଗଡ଼ରେ ପୁରୀର ରାଜା ଜଗନ୍ନାଥଙ୍କସହ ବିପଦବେଳେ ଶରଣ ନେଇଥିବାରୁ ଆଠଗଡ଼ 'ଶରଣରାଜ୍ୟ' ନାମରେ ଅଭିହିତ ହୁଏ ।)

## ୩.୪ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ

'ଚଉତିଶା'

(କ) ରଚନା ନିମିତ୍ତ କେଉଁ କେଉଁ ଉପାଦାନ ରହିବା ଆବଶ୍ୟକ, ପାଞ୍ଚୋଟି ବାକ୍ୟରେ ଲେଖ ।

(ଖ) ଚଉତିଶା କେତେ ପ୍ରକାର ଓ ସେମାନଙ୍କର ବୈଶିଷ୍ଟ୍ୟ ଆଲୋଚନା କର ।

(ଗ) ବିବିଧ ଚଉତିଶା କାହାକୁ କହିବା, ଉଦାହରଣ ସହ ବୁଝାଇ ଲେଖ ।

(ଘ) କୋଇଲି କବିତା କହିଲେ କଣ ବୁଝ ।

(ଙ) ଚାରୋଟି କୋଇଲି କବିତାର ନାମଲେଖ ।

(ଚ) ତୁମ ନିଜ ମନରୁ କୋଇଲି କବିତାର ଦୁଇ ପଦ ସର୍ଜନା କର ।

(ଛ) ଭଜନ ଓ ଜଣାଣ ମଧ୍ୟରେ ଥିବା ପାର୍ଥକ୍ୟ ଉଦାହରଣ ସହ ବୁଝାଅ ।

(ଜ) 'ଚମ୍ପୁ' କାହାକୁ କୁହାଯାଏ, ଉଦାହରଣ ସହ ବୁଝାଅ ।

(ଝ) କିଶୋର ଚନ୍ଦ୍ରାନନ ଚମ୍ପୁର ରଚୟିତା କିଏ ଓ ଏହା କେଉଁ ବିଷୟକୁ ନେଇ ରଚିତ ?

## ୩.୫ ସାରାଂଶ

ଏହି ପାଠରେ ଆମେ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କବିତାର ଗଠନଶୈଳୀ ଓ ରୂପଗତ ବୈଶିଷ୍ଟ୍ୟ ସଂପର୍କରେ ଅଧ୍ୟୟନ କଲେ । ଏହାଦ୍ୱାରା ଓଡ଼ିଆ ସାହିତ୍ୟରେ ପ୍ରଚଳିତ ଥିବା ବିବିଧ କବିତା ପରଂପରା ଓ ରଚନାଶୈଳୀ ବିଷୟରେ ଧାରଣା ହେଲା । ଏହି ଲିଖନଶୈଳୀ ମାଧ୍ୟମରେ ବିଦ୍ୟାର୍ଥୀ ମଧ୍ୟ ନିଜ ହୃଦୟର ବିଭିନ୍ନ ଭାବ ଓ ରସବୋଧକୁ କବିତା ମାଧ୍ୟମରେ ପ୍ରକାଶ କରିପାରିବ । ଏହାଦ୍ୱାରା ବିଦ୍ୟାର୍ଥୀର ପ୍ରତିଭା ପ୍ରକାଶିତ ହୋଇପାରିବା ସହ ସର୍ଜନାତ୍ମକ କାର୍ଯ୍ୟ ମାଧ୍ୟମରେ ସମାଜର ହିତସାଧନ ସହ ସମାଜକୁ ଦିଗ୍‌ଦର୍ଶନ ମଧ୍ୟ ଦେଇପାରିବ । ଏ ଦୃଷ୍ଟିରୁ କବିତା ଅନ୍ୟତମ ଶ୍ରେଷ୍ଠ ମାଧ୍ୟମ । ନିଜର ଭକ୍ତିଭାବନା, ପ୍ରେମ ଭାବନା, ଦେଶପ୍ରେମ, ଜାତୀୟତା, ସମାଜ ସଚେତନତା ଆଦି ଭାବନା ଏହି କବିତା ମାଧ୍ୟମରେ ସଚ୍ଛଳ ଭାବେ ପ୍ରକାଶିତ ହୋଇ ପାଠକଙ୍କୁ ପ୍ରଭାବିତ କରପାରିବ । ଏହି ମହାନ୍ ଉଦ୍ଦେଶ୍ୟ ନେଇ ଏଇ ପାଠକୁ ଅଧ୍ୟାୟରେ ଅଂଶବିଶେଷ କରାଯାଇଛି ।

## ୩.୬ ସହାୟକ ଗ୍ରନ୍ଥସୂଚୀ


(କ) ଅଳଙ୍କାର ତରଙ୍ଗିଣୀ
ପଣ୍ଡିତ କୁଳମଣି ଦାଶ, କଟକ ପବ୍ଲିଶିଂ ହାଉସ୍, ବାଲୁବଜାର , କଟକ - ୨ ।

(ଖ) ବିଚିତ୍ର କବିତ୍ୱ
ଡ଼କ୍ଟର ସନ୍ତୋଷ ତ୍ରିପାଠୀ
ନାଳନ୍ଦା, ବିନୋଦ ବିହାରୀ, କଟକ - ୨ ।

(ଗ) କିଶୋର ଚନ୍ଦ୍ରାନନ ଚମ୍ପୁ
ସଂପାଦନା ! ଡ଼କ୍ଟର କୃଷ୍ଣଚରଣ ବେହେରା
ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ -୨ ।

(ଘ) ଓଡ଼ିଆ ଗୀତିକାବ୍ୟ
ଡ଼କ୍ଟର ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ), ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ - ୨ ।

## ୩.୭ ସମ୍ଭାବ ପ୍ରଶ୍ନାବଳୀ

(କ) ଚଉତିଶାର ସଂଜ୍ଞା ଓ ସ୍ୱରୂପ ବୁଝାଇଲେଖ ।
(ଖ) ଚଉତିଶାର ପ୍ରକାରଭେଦ ଦର୍ଶାଇ ଏହାର ସ୍ୱରୂପ ନିର୍ଣ୍ଣୟ କର ।
(ଗ) ପ୍ରାଚୀନ ଓଡ଼ିଆ କବିତାର ସ୍ୱରୂପ ନିର୍ଣ୍ଣୟ କର ।
(ଘ) ଜଣାଣ ଓ ଭଜନ ମଧ୍ୟରେ ଥିବା ପାର୍ଥକ୍ୟ ଉଦାହରଣ ସହ ଦର୍ଶାଅ ।
(ଙ) ଚମ୍ପୁର ସ୍ୱରୂପ ଆଲୋଚନା କର ।